Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Rs - 5.00

ଭାଗ:୨, ସଂଖ୍ୟା: ୦୧, ଭୁବନେଶ୍ୱର, ନଭେମ୍ବର ୧୮-୨୪, ୨୦୨୪, Vol: 2, Issue: 01, Bhubaneswar, November 18-24, 2024, Pages- 8

## ଶ୍ରମ ଆଇନ ନିଷ୍ପତିକୁ ଫୁ !

# ମାନୁନାହାଁନ୍ତି ବେସରକାରୀ ବ୍ୟାଙ୍କ୍ ଓ ଇନସ୍ୟୁରାନ୍ସ କମ୍ପାନୀ

- କର୍ପୋରେଟ ଚାପରେ ଆକ୍ତାମାକ୍ତା ହେଲେଣି କର୍ମଚାରୀ
- ଚବିଶ ଘଣ୍ଟା ହ୍ୱାଟ୍ସଆପ୍ ଚାପ
- ବଢିଲାଣି ଡାଇବେଟିସ୍, ରକ୍ତ ଚାପ, ହୃଦ୍ ଓ ବ୍ରେନ୍ ଷ୍ଟ୍ରୋକ୍ ପରି ରୋଗ
- ବୀମା ଓ ମ୍ୟୁଚୁଆଲ୍ ଫଣ୍ଡ୍ ବିକ୍ରି କରିବା ପାଇଁ ବ୍ୟାଙ୍କ୍ କର୍ମଚାରୀଙ୍କୁ ବାଧ କରାଯାଉଛି
- ଶ୍ରମ ଆଇନକୁ ଦଳିମକଚି ଦେଲେଣି ବେସରକାରୀ ବ୍ୟାଙ୍କ୍ ଓ ବୀମା କମ୍ପାନୀ ସମୂହ
- ବଢୁଛି ଦାମ୍ପତ୍ୟ କଳହ, ବିବାହ ବିଚ୍ଛେଦ ଓ ଆତ୍ମହତ୍ୟା ପ୍ରବଣତା

ତଥ୍ୟ ଓ ଉପସ୍ଥାପନା :
ଜ୍ଞାନ ରଞ୍ଜନ ମିଶ୍ର

ଓଡ଼ିଶା ବ୍ୟବସାୟ ପ୍ରତିଷ୍ଠାନ ଆଇନ-୧୯୫୬ ଅନୁଯାୟୀ ସମସ୍ତ ଘରୋଇ ବ୍ୟବସାୟିକ ସଂସ୍ଥା ଏହାର ନିୟମ ଓ ନିଷ୍ପତିକୁ କଡାକଡି ଭାବେ ମାନିବା ଏକାନ୍ତ ବାଞ୍ଛନୀୟ। ଏଥି ସହିତ ସଂସ୍ଥାର ପ୍ରବେଶ ଦ୍ୱାରରେ ଏ ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଓ ନିୟମାବଳୀକୁ ନୋଟିସ୍ ବୋର୍ଡରେ ସମସ୍ତଙ୍କ ଅବଗତି ନିମନ୍ତେ ଲଗାଇବା ମଧ୍ୟ ଆବଶ୍ୟକ। ଏହି ଆଇନରେ ଜଣେ କର୍ମଚାରୀ ଓ କର୍ମସଂସ୍ଥାନର ବିଧିବିଧାନ, ଦାୟିତ୍ୱ, କର୍ତ୍ତବ୍ୟ ଓ ଅଧିକାର ସବୁକୁ ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି। ଜଣେ କର୍ମଚାରୀ କାର୍ଯ୍ୟ ଦିବସରେ କେତେ ସମୟ କାମ କରିବେ, ଖାଇବା ପାଇଁ ବିରତି (ଲଂଚ ବ୍ରେକ୍), ଛୁଟି (ଲିଭ୍), ଅଧିକ ସମୟ (ଓଭର୍ ଟାଇମ୍) କାମ ପାଇଁ ମଜୁରୀ, ବାର୍ଷିକ ଛୁଟି (ଆନୁଆଲ୍ ଲିଭ୍) କେତେ ନେଇପାରିବ ଇତ୍ୟାଦି ସବିଶେଷ ଉଲ୍ଲେଖ ରହିଛି। ଏଥି ସହିତ ମହିଳା କର୍ମଚାରୀ ଓ ଶିଶୁ ଶ୍ରମିକ ସମ୍ବନ୍ଧରେ ସ୍ୱତନ୍ତ୍ର ଆଇନ ବା ନିୟମ ସବୁ ରହିଛି। କିନ୍ତୁ ଏହି ସବୁ ନୀତି, ନିୟମ ଓ ନିର୍ଦ୍ଦେଶକୁ ଫୁ କରି ଉଡେଇ ଦେବା ସହ ଗିଳି ଦେଇଛନ୍ତି ରାଜ୍ୟର ସମସ୍ତ ବେସରକାରୀ ବ୍ୟାଙ୍କ୍ ଓ ବୀମା କମ୍ପାନୀମାନେ। ଉପର ଦେଖାଣିଆ ଭାବେ ସରକାରୀ ନିୟମକୁ ମାନୁଛନ୍ତି ବୋଲି ଦେଖାଇହେବା ଆଳରେ କାର୍ଯ୍ୟାଳୟର ପ୍ରବେଶ ଦ୍ୱାରରେ ଶ୍ରମ ବିଭାଗ ଦ୍ୱାରା ନିର୍ଦ୍ଧାରିତ ନୀତି ଓ ନିୟମର ଘୋଷଣାନାମା ଲଗାଇଦେଇ, ବେନିୟମ କାର୍ଯ୍ୟ କରିବାରେ ଲାଗିଛନ୍ତି। କର୍ମଚାରୀ ମାନଙ୍କର ଆସିବା ସମୟ ସ୍ଥିର ହୋଇଥିବା ବେଳେ ଯିବା ସମୟରେ କୌଣସି ନିର୍ଘଣ୍ଟ ଆଦୌ ନଥାଏ। ଏପରିକି ମହିଳା କର୍ମଚାରୀମାନେ ବି ରାତି ୯ଟା ତ କେବେକେବେ ୧୦ଟା ରାତି ପର୍ଯ୍ୟନ୍ତ ଅଫିସରେ ରହି ବିପଦପୂର୍ଣ୍ଣ ଓ ଅସୁରକ୍ଷିତ ଭାବେ ଘରକୁ ଫେରିଥାନ୍ତି।

ଶ୍ରମ ଆଇନ ୧୯୫୬ର ଚାପ୍ଟର- ୩ ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି ଯେ ଜଣେ କର୍ମଚାରୀ ଦିନକୁ ଅତି ବେଶୀରେ ୯ ଘଣ୍ଟା ଓ ସପ୍ତାହରେ ୪୮ ଘଣ୍ଟାରୁ ଅଧିକ ସମୟ କାମ କରିବେ ନାହିଁ। ଦିନରେ ଅଧ ଘଣ୍ଟାର ବିଶ୍ରାମ କିମ୍ବା ଖାଇବା ଛୁଟି ସମୟ ମଧ୍ୟ ଧାର୍ଯ୍ୟ କରାଯାଇଛି।

ବିଶ୍ରାମ ସମୟର ପୂର୍ବ ଓ ପରେ କୌଣସି କର୍ମଚାରୀ ଯେମିତି ୫ ଘଣ୍ଟା ରୁ ଅଧିକ କାମ ନକରନ୍ତି ସେଥିପାଇଁ ମଧ୍ୟ ଆଇନରେ ଉଲ୍ଲେଖ ଅଛି। ଏହି ଚାପ୍ଟର-୩ ଅନ୍ତର୍ଗତଃ ୮ ନମ୍ବର୍ ପଏଣ୍ଟ ରେ ଅଧିକ ସମୟ କାମ ପାଇଁ ଅଧିକ ପାଉଣା ବିଷୟରେ ନିୟମ ରହିଥିବା ବେଳେ, ଜଣେ କର୍ମଚାରୀ ଗୋଟିଏ ଦିନରେ ନିର୍ଦ୍ଧାରିତ ୯ ଘଣ୍ଟା ସମୟ ଠାରୁ ଆଉ ଅଧିକ ୧ ଘଣ୍ଟା ଅର୍ଥାତ ଅତି ବେଶୀରେ ୧୦ ଘଣ୍ଟା କାମ କରିବାର ନିୟମ ରଖା ଯାଇଛି। ଅଧିକ ସମୟ କାମ ପାଇଁ କେଉଁ ହାରରେ କର୍ମଚାରୀ ଜଣକ ତାର ପ୍ରାପ୍ୟ ପାଇବ, ସେ ବିଷୟରେ ମଧ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। କର୍ମଚାରୀ ଜଣକ କେମିତି ତାର ଅଧିକାର ଅନୁଯାୟୀ ଛୁଟି ନେବ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପାଇବେ ସେ ବିଷୟରେ ମଧ୍ୟ ଆଇନରେ ଉଲ୍ଲେଖ ଅଛି। ଏପରିକି ଅନ୍ୟତ୍ର ନୂଆ ଚାକିରି ପାଇଲେ, କରୁଥିବା ଚାକିରି କେମିତି ଛାଡ଼ିପାରିବ ସେ ବିଷୟରେ ବି ଆଇନରେ ଉଲ୍ଲେଖ ଅଛି। କିନ୍ତୁ ଏସବୁକୁ ମାନିବା ତ ଦୂର କଥା, ବରଂ ପ୍ରଚଳିତ ଆଇନକୁ ଦଳିଚକଟି, ମାଡିମକଚି, ଚୋବେଇକି ଗିଳି ଦେଇଛନ୍ତି ବେସରକାରୀ ବ୍ୟାଙ୍କ୍ ଓ ବୀମା କମ୍ପାନୀର ପଦାଧିକାରିମାନେ।

ଏ ବିଷୟରେ ଏକ ପୁଙ୍ଖାନୁପୁଙ୍ଖ ବିବରଣୀ ସଂଗ୍ରହ ପାଇଁ ଆମ ନିଉଜ ଟିମ୍ ବେସରକାରୀ ବୀମା କମ୍ପାନୀ ଯଥା ଏସ.ବି.ଆଇ ଲାଇଫ ଇନସ୍ୟୁରାନ୍ସ, ବଜାଜ ଆଲିଆଞ୍ଜ ଲାଇଫ ଇନସ୍ୟୁରାନ୍ସ, ନିଭା-ବୁପା ସ୍ୱାସ୍ଥ୍ୟ ବୀମା କମ୍ପାନୀ ଏବଂ କିଛି ବେସରକାରୀ ବ୍ୟାଙ୍କ ଯଥା ଆକ୍ସିସ ବ୍ୟାଙ୍କ୍, ଆଇ.ସି.ଆଇ.ସି.ଆଇ ବ୍ୟାଙ୍କ୍, ଇଣ୍ଡସଇଣ୍ଡ ବ୍ୟାଙ୍କ୍, ଏଚ୍.ଡି.ଏଫ୍.ସି ବ୍ୟାଙ୍କ୍ ଓ ଡି.ସି.ବି ବ୍ୟାଙ୍କ୍ ଇତ୍ୟାଦିର କର୍ମଚାରୀମାନଙ୍କୁ ଭେଟି ଥିଲା। ନିଜ ପରିଚୟ ଗୋପନ ରଖିବା ସର୍ତ୍ତରେ ସେମାନେ ନିଜର ମନର କୋହ ଓ ବେଦନାକୁ ପ୍ରକାଶ କରିଥିଲେ ଯାହା କି ଆଜିର ଦିନରେ ଅତ୍ୟନ୍ତ ଚିନ୍ତାଜନକ ଓ ଉଦବେଗର ବିଷୟ। ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଅଭିଯୋଗର ତାଲିକା




ବହୁତ୍ ଲମ୍ବା। ସେଥିରୁ କିଛିକିଛି ଆମେ ଆମର ପାଠକମାନଙ୍କ ଅବଗତି ନିମନ୍ତେ ଓ ପ୍ରଶାସନର ଦୃଷ୍ଟି ଗୋଚରାର୍ଥେ ପ୍ରକାଶ କରୁଛୁ।

● ବୀମା କମ୍ପାନୀର ଅଧିକାରୀ ହୁଅନ୍ତୁ କି ବ୍ୟାଙ୍କ୍ ଅଧିକାରୀ ସମସ୍ତେ ଧାର୍ଯ୍ୟ କାର୍ଯ୍ୟ ଓ କାର୍ଯ୍ୟାଳୟର ସମୟ ଅବିଧି ସରିବା ପରେ ଅଯଥା କର୍ମଚାରୀ ମାନଙ୍କୁ ସାରାଦିନର ପର୍ ଫର ମାନ୍ସ ରିଭ୍ୟୁ ନାମରେ ଅଟକ ରଖି ମାନସିକ ନିର୍ଯାତନା ଦେବା ସହିତ ଖରାପ ଓ କମ୍ ଧାର୍ଯ୍ୟ (ଟାର୍ଗେଟ୍) କରିଥିବା କର୍ମଚାରୀ ମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରନ୍ତି। ଏଥିରୁ ମହିଳା କର୍ମଚାରୀଙ୍କୁ ବି ବାଦ୍ ଦିଅନ୍ତିନାହିଁ। ଏମିତିକି ଚବିଶ ଘଣ୍ଟା ହ୍ୱାଟ୍ସଆପ ମାଧ୍ୟମରେ ଚାପ ଦେଉଛନ୍ତି ଉପରିସ୍ଥ ଅଧିକାରୀ ମାନେ।

● ମାନସିକ ନିର୍ଯ୍ୟାତନା ପାଇବାପରେ କର୍ମଚାରୀ ଜଣକ ଭାରାକ୍ରାନ୍ତ ଅବସ୍ଥାରେ ବିଳମ୍ବିତ ରାତିରେ ଘରେ ପହଞ୍ଚୁଥିବାରୁ ନିଜର ପିଲାଛୁଆ କିମ୍ବା ବାପା-ମାଆଙ୍କ କଥା ବୁଝି ପାରିନଥାଏ। ଚାକିରି ବଞ୍ଚେଇବା ଓ ପଇସା ରୋଜଗାର ବାହାନାରେ ପିଲାଛୁଆଙ୍କ ଭବିଷ୍ୟତ ନଷ୍ଟ ହେବା ସଙ୍ଗେସଙ୍ଗେ ବୃଦ୍ଧ ପିତାମାତାମାନଙ୍କୁ ମଧ୍ୟ ଦେଖାଚାହାଁ କରି ପାରିନଥାଏ। ସ୍ୱାମୀ ଚାକିରି କରିଥିଲେ ସ୍ତ୍ରୀ ଓ ସ୍ତ୍ରୀ ଚାକିରି କରିଥିଲେ ସ୍ୱାମୀ ଅବହେଳିତ ହୋଇ ମନର ଦୁଃଖ ମନ ଭିତରେ ମାରିଦେଉଛନ୍ତି।

● ଆଜିର ଦିନରେ ବେଶୀ ମାରାତ୍ମକ ସାଜିଛି ମୋବାଇଲରେ କନଫରେନ୍ସ କଲ୍ ଓ ଜୁମ୍ ମିଟିଂ। ବିକ୍ରୀ (ସେଲ୍ସ) ସମ୍ବନ୍ଧୀୟ ମିଟିଙ୍ଗ୍, ରିଭ୍ୟୁ ଇତ୍ୟାଦିକୁ ଉପରିସ୍ଥ ଅଧିକାରୀମାନେ କର୍ମଚାରୀମାନଙ୍କ ସହ ରବିବାର ଓ ଛୁଟିଦିନ ମାନଙ୍କରେ ଘଣ୍ଟାଘଣ୍ଟା ଧରି ଆଲୋଚନା କରି ଅଯଥା ଚାପ ଦେଇ ପାରିବାରିକ ଜୀବନକୁ ହିନସ୍ତା କରିଦେଉଛନ୍ତି। ସୁତରାଂ କର୍ମଚାରୀଟି ନିଜ ଘର କିମ୍ବା ବ୍ୟକ୍ତିଗତ କାର୍ଯ୍ୟ' ବି କରିପାରୁନି। ଛୁଟି ଦିନ ମାନଙ୍କରେ ଜାଣିଶୁଣି ପ୍ରାୟୋଜିତ ଭାବରେ ଅନେକ ପ୍ରକାର ମିଟିଙ୍ଗ୍ ସବୁର ଆୟୋଜନ କରି କର୍ମଚାରୀମାନଙ୍କୁ ଅଯଥା ହଇରାଣ କରାଯାଉଛି।

● ଅଯଥା ମାନସିକ ଚାପର ଭାର ସହିନପାରି ବଢିଚାଲିଛି ଚାପରୁ ସୃଷ୍ଟି ହେଉଥିବା ରୋଗ ଯଥା ଡାଇବେଟିସ୍ , ରକ୍ତ ଚାପ, ହୃଦ୍-ରୋଗ ଓ ବ୍ରେନ୍-ଷ୍ଟ୍ରୋକ୍ ଭଳି ଭୟାବହ ରୋଗ। ସର୍ଭେରୁ ଜଣାପଡିଛି, ବେସରକାରି ସଂସ୍ଥାରେ କାମ କରୁଥିବା ଶତକଡା ଅଶୀ ଭାଗ କର୍ମଚାରୀ ଏହିଭଳି ଭୟଙ୍କର ରୋଗରେ ପୀଡ଼ିତ। ଡାକ୍ତରଙ୍କ ମତରେ ଏହି ସବୁ ରୋଗର ମୁଖ୍ୟ କାରଣ ହେଲା ଅଯଥା ଚାପ ଓ ଜୀବନଶୈଳୀରେ ବ୍ୟାପକ ବ୍ୟତିକ୍ରମ।

● ବୀମା କମ୍ପାନୀର ଜଣେ କର୍ମଚାରୀଙ୍କ ଏକ ଭୟଙ୍କର ଅଭିଯୋଗ ହେଲା, ମଦ୍ୟପାନ ତାଙ୍କର ଅଭ୍ୟାସ ହୋଇନଥିବା ବେଳେ ପ୍ରାୟ ମିଟିଙ୍ଗ (ବିକ୍ରୀ, ରିଭ୍ୟୁ ଓ ଷ୍ଟ୍ରାଟେଜୀ) ମାନଙ୍କରେ ଉପରିସ୍ଥ ଅଧିକାରୀମାନେ ବାଧ୍ୟକରି ତାଙ୍କୁ ପିଇବାକୁ କୁହନ୍ତି, ଫଳତଃ ସେ ଏବେ ଜଣେ ବଡ ମଦୁଆରେ ପରିଣତ ହୋଇ ସାରିଲେଣି। ମଦ ନପିଇଲେ ଉପରିସ୍ଥ ଅଧିକାରୀମାନଙ୍କ କ୍ରୁର ତାଲିକାରେ ରହିବ ଏବଂ ପ୍ରମୋଶନ ହେବନି କି ଦରମା ବଢିବନି। ଦରମା ବାବଦ ମିଳୁଥିବା ଇନ୍ ସେନ୍ ଟିଭ୍ ଇତ୍ୟାଦି କିଛି ମିଳିବ ନାହିଁ। ତେଣୁ ଇଛା ଥାଉ କି ନଥାଉ, ବରଂ ଅନିଛା ଥିଲେ ମଧ୍ୟ ମଦ ପିଇବାକୁ ଏକରକମ୍ ବାଧ୍ୟ।

● ଚାକିରି ଓ ପାରିବାରିକ ଜୀବନରେ ସମତୁଲତା ନରହୁଥିବାରୁ ବହୁକ୍ଷେତ୍ରରେ ବିବାହ ବିଚ୍ଛେଦ ମଧ୍ୟ ବଢିବାରେ ଲାଗିଛି। ବେସରକାରି ସଂସ୍ଥାରେ ଚାକିରିରୁ ସୃଷ୍ଟି ଅଜଥା ଚାପ ପ୍ରଥମେ ଦାମ୍ପତ୍ୟ କଳହ, ପରେ ମନୋମାଳିନ୍ୟ ହେତୁ ପାରିବାରିକ କେସ୍‌ରେ ରୁପାନ୍ତରିତ ହୁଏ, ବିଶେଷ କରି ତାହା ବିବାହ ବିଚ୍ଛେଦ କେସ୍ ବଢାଇବାରେ ସାହାଯ୍ୟ କରୁଛି ବୋଲି ଜଣେ ବିଶିଷ୍ଟ ଆଇନଜୀବୀ କହିଛନ୍ତି।

● ବେସରକାରୀ ବ୍ୟାଙ୍କ୍ ର ଜଣେ କର୍ମଚାରୀ କହିଛନ୍ତି ଯେ ତାଙ୍କୁ ନିଯୁକ୍ତି ମିଳିଲା ବ୍ୟାଙ୍କ୍ ଉତ୍ପାଦ ବିକ୍ରି କରିବା ପାଇଁ କିନ୍ତୁ ଜଏନ୍ କଲା ପରେ ପ୍ରତିଦିନ ଚାପ ପଡ଼ିଲା ସ୍ୱାସ୍ଥ୍ୟ ବୀମା, ଜୀବନ ବୀମା ଓ ମ୍ୟୁଚୁଆଲ ଫଣ୍ଡ ଉତ୍ପାଦ ସବୁ ବିକ୍ରି କରିବା ପାଇଁ । ବେସରକାରୀ ବ୍ୟାଙ୍କ୍ ମାନେ ବ୍ୟାଙ୍କ୍ ଉତ୍ପାଦ ଓ ଅନ୍ୟାନ୍ୟ ସବୁ ଉତ୍ପାଦ ବିକ୍ରି କରିବା ନିମନ୍ତେ ସ୍ୱତନ୍ତ୍ର କର୍ମଚାରୀ ରଖିବା ଉଚିତ ନହେଲେ ଅଜଥା ଚାପ ସୃଷ୍ଟି ହେବ ଯାହାକି ଜୀବନହାନିର କାରଣ ହେଇପାରେ।

ଜଣେ ବରିଷ୍ଠ ଅଧିକାରୀଙ୍କ ମତରେ ବେସରକାରୀ ସଂସ୍ଥାମାନଙ୍କରେ କୌଣସି କର୍ମଚାରୀ ୟୁନିଅନ ନଥିବାରୁ ଏସବୁ ସମସ୍ୟା ଦେଖାଯାଉଛି। କିନ୍ତୁ ନିଜର ଚାକିରି ଚାଲିଯିବା ଭୟରେ କର୍ମଚାରୀ ସଂଘ ଗଠନ ହୋଇ ପାରୁନାହିଁ ବୋଲି ଅନେକ କର୍ମଚାରୀ ପ୍ରକାଶ କରିଛନ୍ତି। ତେବେ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ ବା କିଏ ? ଯିଏ ବାନ୍ଧିବ ତାର ଚାକିରି ଆଗେ ଯିବ। ଆମ ଟିମ୍ ଏସବୁ ସମସ୍ୟାର ସମାଧାନ ପାଇଁ ଉପରିସ୍ଥ ଶ୍ରମ-ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ପାଖରେ ଏସବୁ ଅଭିଯୋଗ କେହି କରି ନାହାଁନ୍ତି ବୋଲି ସେ ପ୍ରକାଶ କରିଥିଲେ। କିନ୍ତୁ ନିୟମ ଭାଙ୍ଗୁଥିବା ବେସରକାରି ସଂସ୍ଥା ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରିବାର ନିର୍ଭର ପ୍ରତିଶ୍ରୁତି ଶ୍ରମାଧିକାରୀ ଦେଇଛନ୍ତି। ତେଣୁ ଏବେଠାରୁ ବେସରକାରୀ ବ୍ୟାଙ୍କ୍ ଓ ବୀମା କମ୍ପାନୀମାନେ ସଚେତନ ହୁଅନ୍ତୁ। ଅଯଥା ଚାପ ନିଜର କର୍ମଚାରୀମାନଙ୍କୁ ଦିଅନ୍ତୁ ନାହିଁ, ନିର୍ଦ୍ଧାରିତ ସମୟରୁ ଅଧିକ ସମୟ ଯଦି କାମ କରାଉଛନ୍ତି ସେଥିପାଇଁ ନିୟମ ଅନୁଯାୟୀ ଅଧିକ ପ୍ରାପ୍ୟ ଦିଅନ୍ତୁ, ଛୁଟିଦିନ ମାନଙ୍କରେ ମିଟିଙ୍ଗ୍, କନଫରେନ୍ସ କଲ୍, ଜୁମ କଲ୍, କିମ୍ବା ଅଫିସ ସମୟ ଅତିକ୍ରାନ୍ତ ପରେ ଅଯଥା ଫୋନ୍ କରି ଡାକି କର୍ମଚାରୀମାନଙ୍କ ବ୍ୟକ୍ତିଗତ ଜୀବନକୁ ନଷ୍ଟ ନକରିବା ପାଇଁ ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

# ସଂ ପା ଦ କୀ ୟ

## ବାଧୁଛି ଦରଦାମ୍

ପନିପରିବା ଦର ଆକାଶଛୁଆଁ ହୋଇଛି । ଟମାଟୋ ମୂଲ୍ୟ କିଲୋପ୍ରତି ଦୁଇମାସ ଧରି ୮୦ ଟଙ୍କା ରହିବା ପରେ ଏବେ କେଉଁଠି କେଉଁଠି ୫୦କୁ ଖସିଛି । କିନ୍ତୁ ଅଟା, ଚାଉଳ, ଖାଇବା ତେଲ, ଡାଲି, ତେଜରାତି ସାମଗ୍ରୀ । ସରକାର ଯୁକ୍ତି କରିପାରନ୍ତି ଯେ ପନିପରିବାର ମୂଲ୍ୟ ଋତୁଭିତିରେ ଏକ ପ୍ରତିକୂଳ ପାଗ ପାଳକରେ ସାମୟିକ ଭାବେ ବଢ଼େ । ତେବେ ଅଟା, ଚାଉଳ ଭଳି ଅତି ଜରୁରୀ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ କାହିଁକି ଆକାଶଛୁଆଁ ହେବ ? ଏ ଦୁଇଟି ଖାଦ୍ୟଶସ୍ୟ ଧାନ ଓ ଗହମରେ ଆମେ ପରା ଆତ୍ମନିର୍ଭର ହେବା ସହିତ ବିଦେଶକୁ ରପ୍ତାନି କରୁଛୁ ? ଗରିବ ଲୋକଙ୍କୁ ମାଗଣା ଅଥବା ଏକଟଙ୍କା ମୂଲ୍ୟରେ ଦେଉଛୁ ! କିନ୍ତୁ ଅନ୍ୟ କିଣିଖିଆମାନେ ଏହାକୁ କିଲୋ ପିଛା ୪୦ / ୫୦ ଟଙ୍କାରେ କାହିଁକି କିଣିବେ ? କେନ୍ଦ୍ର ସରକାର ଏହାର ଜବାବ ଦେବା ଉଚିତ । ଏବେ ଆଳୁ ଓ ପିଆଜ ମୂଲ୍ୟ ଉପର ମୁହାଁ ହୋଇଛି । ବ୍ୟବସାୟୀଙ୍କ କହିବା କଥା ହେଲା ଡିସେମ୍ବର ବେଳକୁ ଉଭୟ ପରିବାର ଖୁଚୁରା ମୂଲ୍ୟ ୧୦୦ ଟଙ୍କା ଟପିଯାଇପାରେ । ଏବେ ତ ଅନେକ ସ୍ଥାନରେ ଆଳୁ ୩ ରୁ ୩୫ ଓ ପିଆଜ ୫୦ ଟଙ୍କାରେ କିଲୋପ୍ରତି ବିକ୍ରି ହେଉଛି । ଆଳୁ, ପିଆଜ, ଡାଲି, ଖାଇବା ତେଲ ଓ ଅଟା ଚାଉଳ କିମ୍ବା ଟମାଟୋ ନୁହେଁ, ଯାହାକୁ ସାମୟିକ ଭାବେ ଖାଇବା ଥାଳିରୁ ଏଡ଼ାଇ ଦେଇ ହେବ । ଏସବୁ ଲୋକଙ୍କର ଭୋଜନର ମୌଳିକ ଅଂଶବିଶେଷ । ଏକ ଟଙ୍କିଆ ବା ମାଗଣା ଚାଉଳ ଓ ଗହମ ପାଉଥିବା ଲୋକଟି ମଧ୍ଯ ତେଲ, ମସଲା, ଆଳୁ, ପିଆଜ ଦରକାର କରେ । ସରକାର ଏତିକି ବୁଝିବା ଦରକାର । ଏଠାରେ ଉଲ୍ଲେଖନୀୟ ଯେ ଆସନ୍ତା ମାସରୁ ଦେଶରେ ବିଧିବଦ୍ଧ ପାର୍ବଣ ଋତୁ ଆରମ୍ଭ ହୋଇଯିବ ଏବଂ ସେହି ସମୟରେ ଡାଲି, ପିଆଜ, ତେଲ, ଲୁଣ ଆଦିର ଚାହିଦା ଅନେକ କିଛି ବଢ଼ିଯିବ । ତେଣୁ ଆସନ୍ତା ତିନି/ଚାରିମାସ ପାଇଁ ଉଭୟ ପାଇକାରୀ ଓ ଖାଉଟି ବଜାରରେ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାରଙ୍କୁ ଆଜିଠାରୁ ଖାଉଟି ଜିନିଷ ଯୋଗାଣ ଧାରା ଅବ୍ୟାହତ ରଖିବାକୁ ପଡ଼ିବ । ଏଭଳି ସ୍ଥିତିରେ ଏକ ଅତିଶୟ ମହଙ୍ଗା ଖାଉଟି ବଜାର କେନ୍ଦ୍ର ସରକାରଙ୍କ ପାଇଁ ନିର୍ବାଚନ ସଜବାଜରେ ବିଘ୍ନ ଆଣିପାରେ । ବିଶେଷକରି ମହଙ୍ଗା ଖାଉଟି ବଜାର ସଦାବେଳେ ବିରୋଧୀ ଦଳମାନଙ୍କ ପାଇଁ ଏକ ସହଜ ଲବ୍ଧ ଅସ୍ତ୍ର ଭଳି କାମ କରେ । ଏପରି ସୁଯୋଗକୁ ଇଣ୍ଡିଆ ମେଂଟ ହାତଛଡ଼ା କରିବା ପ୍ରଶ୍ନ ଉଠୁନାହିଁ । ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ବେଳକୁ ଲେଡିଗୁଡ଼ କୋହୁଣିକୁ ବୋହିଯାଇଥାଏ । ମନିଟାରୀ ପଲିସି ବା ବିତୀୟ ନୀତିକୁ କଡ଼ାକଡ଼ି କରି ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରାଯାଇପାରେ । କିନ୍ତୁ ରିଜର୍ଭ ବ୍ୟାଙ୍କର ଏହି ନୀତି ଦ୍ୱାରା ଖାଉଟି ମୂଲ୍ୟସ୍ଫୀତିକୁ ରୋକିବା ସମ୍ଭବ ନୁହେଁ । ମୁଦ୍ରାସ୍ଫୀତି ଓ ମୂଲ୍ୟସ୍ଫୀତି ଦୁଇଟି ଭିନ୍ନ ଜିନିଷ, ଯଦିଓ ଉଭୟଙ୍କ ମଧ୍ୟରେ ସମ୍ପର୍କ ରହିଛି । ଯୋଗାଣ ଓ ଚାହିଦାରେ ଭାରସାମ୍ୟ ନ ରହିଲେ ଜିନିଷପତ୍ରର ଦର ବଢ଼େ । ଏହା ମୂଲ୍ୟସ୍ଫୀତି ଘଟାଏ । ସେଥିପାଇଁ ଚାହିଦା ମୁତାବକ ଉତ୍ପାଦନ, ଭଣ୍ଡାରଣ ଓ ସମ୍ୟକ ବଜାର ଯୋଗାଣ ପରିଚାଳନା ତଥା ଆଗୁଆ ଆମଦାନିର ଆବଶ୍ୟକତା ରହିଛି । କେନ୍ଦ୍ର ଖାଉଟି କଲ୍ୟାଣ ଓ ଯୋଗାଣ ବିଭାଗ ଏହି ସାଧାରଣ କଥାଟି ବୁଝିପାରୁ ନାହିଁ ନା ଏଥିରେ ରାଜନୀତି ରହୁଛି ବୋଲି ଅନେକେ ପ୍ରଶ୍ନ ପଚାରୁଛନ୍ତି । ଆମ ବଜାର ଗୁଇନ୍ଦା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ କିମ୍ବା ସରକାର ସବୁ ଜାଣି ମଧ୍ୟ ଏକପ୍ରକାର ନାଚାର ଅବସ୍ଥାରେ ଥିବା ଭଳି ମନେ ହେଉଛି । ବିଗତ ୯ ବର୍ଷ ମଧ୍ୟରେ କୃଷି କୃଷକର ଉନ୍ନତି ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଇଛନ୍ତି ସତ, କିନ୍ତୁ ଯୋଗାଣ ଓ ଚାହିଦାରେ ସମତା ରକ୍ଷା ଏବଂ ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ଓ ମହଜୁଦ କ୍ଷେତ୍ରରେ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନେଇପାରି ନାହାନ୍ତି । କୃଷି ବଂଚିଲେ ଦେଶ ବଂଚିବ । ଏ କ୍ଷେତ୍ରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପଦକ୍ଷେପ ନେବା ଉଚିତ୍

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଅମର-ମଣିଷ ସୃଷ୍ଟି ପାଇଁ ବୈଜ୍ଞାନିକ ଗବେଷଣା

ଡକ୍ଟର ନରେନ୍ଦ୍ର ସେଠୀ

ସ୍ୱର୍ଗପୁରର ହିନ୍ଦୁ ଦେବୀଦେବତା ଅମରତ୍ୱ ଲାଭ କରିଥିବାର ଆମେ ବିଶ୍ୱାସ କରିଥାଉ । କିନ୍ତୁ ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ । ଭାଗବତର ଏହି ମର୍ମସ୍ପର୍ଶୀ ବାଣୀର ଅର୍ଥ ହେଲା ଯିଏ ଜନ୍ମ ନେବ ତା'ର ମୃତ୍ୟୁ ନିଶ୍ଚିତ । ସେ ଦେବତା ହେଲେ ମଧ୍ଯ ଏହି ନିୟମରେ ବନ୍ଧା । ସତ କହିବାକୁ ଗଲେ ମୋହ ମାୟାରେ କବଳିତ ଆମେ ସବୁ ମଣିଷମାନେ କେହି ମରିବାକୁ ଚାହୁଁନା । ମୃତ୍ୟୁ ଚରମ ସତ୍ୟ ହେଲେ ମଧ୍ଯ ସେହି ସତ୍ୟକୁ ଆମେ ଜାଣି ପାରୁନାହୁଁ । ହିଂସା, ଦ୍ୱେଷ, ଈର୍ଷା, ଲୋଭ ଭିତରେ ଘାଂଟି ହେଇ ରହୁ । ତେବେ ସୃଷ୍ଟିର ଏହି ଚରମ ସତ୍ୟକୁ ବଦଳେଇବା ପାଇଁ ମଣିଷ ଜୋର ସୋରରେ ଚେଷ୍ଟା ଆରମ୍ଭ କରିଛି । ବିଜ୍ଞାନ ମଣିଷକୁ ଅନେକ ଚମତ୍କାର ଉପହାର ଦେଇଛି । ଖୁସିର କଥା ଏହିକି ଯେ ମଣିଷର ଦୀର୍ଘଦିନ ପର୍ଯ୍ୟନ୍ତ ବଂଚିବାର ଏହି ଲାଳସାକୁ ପୂର୍ଣ୍ଣ କରିବାକୁ ମଧ୍ଯ ବିଜ୍ଞାନ ଚେଷ୍ଟା କରୁଛି । ବିଂଶ ଶତାବ୍ଦୀର ଆରମ୍ଭରେ ମଣିଷର ହାରାହାରି ପରମାୟୁ ମାତ୍ର ୩୧ ବର୍ଷ ଥିଲା, ଯାହା ୧୯୫୦ ବେଳକୁ ୪୮ ଓ ୨୦୧୭ ବେଳକୁ ୭୨ ବର୍ଷରେ ପହଁଚିଲା । ଉନ୍ନତ ଚିକିତ୍ସା ପଦ୍ଧତି, ବୈଜ୍ଞାନିକ ଜ୍ଞାନକୌଶଳ ଓ ଆର୍ଥିକ ଅଭିବୃଦ୍ଧି ଏହାର କାରଣ । ବିଜ୍ଞାନ ଏଇଠି ଅଟକି ଯାଇନି । ମଣିଷର ପରମାୟୁ ଆହୁରି ବଢ଼େଇ ଦୀର୍ଘଜୀବୀ କରିବା ପାଇଁ ବୈଜ୍ଞାନିକମାନେ ଅଂଟା ଭିଡ଼ିଛନ୍ତି । ସମୟ ସହିତ ବୟସ୍କ ହେବାର ବୈଜ୍ଞାନିକ କାରଣ ହେଲା ଶରୀର ଭିତରେ ଘଟୁଥିବା ଅନେକ ଜଟିଳ ଜୈବିକ ପରିବର୍ତ୍ତନ । ବୟସ ବଢ଼ିଲେ ଗୁଣସୂତ୍ରଗୁଡ଼ିକ ଧୀରେ ଧୀରେ ଭାଙ୍ଗି ଅକାମି ହେଇ ପଡ଼ନ୍ତି । ଅନେକ ପ୍ରୋଟିନ ଜରୁରୀ ଜୈବିକ ପ୍ରକ୍ରିୟାଗୁଡ଼ିକରେ ଭାଗ ନେଇ ପାରନ୍ତି ନାହିଁ । କୋଷଗୁଡ଼ିକ ଅନବରତ କାର୍ଯ୍ୟ କରିବା ସମୟରେ ଅନେକ ବର୍ଜ୍ୟବସ୍ତୁ ତିଆରି ହୁଏ, ଯାହା ସେମିତି ଜମା ହୋଇ ରହେ । ଶରୀରର ଶକ୍ତି ପ୍ରଦାନ କରିବା କ୍ଷମତା ହ୍ରାସ କରେ । ଏହାଛଡ଼ା ଖାଦ୍ୟ ପଦାର୍ଥର ହଜମ ଓ ଜାରଣ ସମୟରେ ନିର୍ଗତ ହେଉଥିବା ଅମ୍ଳଜାନ ଆୟନ ଅନେକ ଫ୍ରି ରାଡିକାଲ ବା ମୁକ୍ତ ମୂଳକମାନ ତିଆରି କରେ, ଯାହା ଶରୀରର ଅନେକ ସୁସ୍ଥ କୋଷକୁ ନଷ୍ଟ କରିଥାଏ । ଏହାଛଡ଼ା ବୟସ୍କ ହେବାର ଆହୁରି ଅନେକ ଅଜଣା କାରଣ ଅଛି ।ମଣିଷ ଶରୀର ଅନେକ କୋଷକୁ ନେଇ ଗଠିତ । କୋଷଗୁଡ଼ିକ ଏକରୁ ଦୁଇ, ଦୁଇରୁ ଚାରି ହୋଇ ବିଭାଜନ ପ୍ରକ୍ରିୟାରେ ବଢ଼ିଥାନ୍ତି ।

## ସଫଳା ଏକାଦଶୀ

# ଏକାଦଶୀ ଉପବାସ ମାହାତ୍ମ୍ୟ –୩

ସିଦ୍ଧାର୍ଥ ମହାପାତ୍ର

ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଯୁଧିଷ୍ଠିର ଅନ୍ୟ ୨୨ଟି ଏକାଦଶୀ ବ୍ରତ ବିଷୟରେ ପଚାରିବାରୁ ସେ କହିଲେ ଯେ ଏକାଦଶୀ ବ୍ରତ ପାଳନ କରୁଥିବା ବ୍ୟକ୍ତି ମୋର ପ୍ରାଣ ପ୍ରିୟ ଅଟନ୍ତି ।ଏକାଦଶୀରେ ନାରାୟଣଙ୍କ ପୂଜା କରି ଋତୁ ଅନୁଯାୟୀ ଫଳ ଫୁଲର ନୈବେଦ୍ୟ ଅର୍ପଣ କଲେ ବ୍ରତ ସଫଳ ହୁଏ । ସଫଳା ଏକାଦଶୀ ପୌଷ ମାସ କୃଷ୍ଣ ପକ୍ଷ ତିଥିରେ ପାଳନ କରାଯାଏ । ଯୁଧିଷ୍ଠିରଙ୍କୁ ପ୍ରଭୁ ଶ୍ରୀକୃଷ୍ଣ କହିଲେ, କି ଚମ୍ପାବତି ନଗରୀରେ ମହିଷ୍ୟମାନ ନାମକ ରାଜା ଥିଲେ । ତାଙ୍କ ଚାରି ଜଣ ପୁତ୍ରଙ୍କ ମଧ୍ୟରୁ ଜ୍ୟେଷ୍ଠ ପୁତ୍ରର ନାମ ଲୁମ୍ପକ ଥିଲା । ଲୁମ୍ପକ ଅତ୍ୟନ୍ତ ଦୁଷ୍ଟ ଏବଂ ଦୁରାଚାରୀ ଥିଲା । ବାରମ୍ବାର ଚେତାବନୀ ପରେ ନ ସୁଧୁରିବାରୁ ରାଜା ତାକୁ ରାଜ୍ୟରୁ ବହିଷ୍କାର କଲେ ।ଚମ୍ପାବତୀ ଉପକଣ୍ଠରେ ଥିବା ଘଞ୍ଚ ଜଙ୍ଗଲରେ ଥିବା ଏକ ବିଶାଳ ଅଶ୍ୱତ୍ଥ ଗଛମୂଳେ ଲୁମ୍ପକ ଆଶ୍ରୟ ନେଲା । ଅତି ପୁରାତନ ଗଛ ହେଇଥିବାରୁ, ସେଠାରେ ଦେବତା ମାନେ ମଧ୍ଯ ବାସ କରୁଥିଲେ । ଲୁମ୍ପକ ଦେବତାମାନଙ୍କ ସଂସ୍ପର୍ଶରେ ରହି ମଧ୍ଯ ନିଜ ଚରିତ୍ରକୁ ସୁଧାରିଲା ନାହିଁ, ଏବଂ ପ୍ରତି ଦିନ ଚମ୍ପାବତୀ ନଗରୀରେ ଚୋରି ଇତ୍ୟାଦି କୁକର୍ମ କରି ଫେରିଆସୁଥିଲା । ବାରମ୍ବାର ଏପରି କଲାପରେ, ନଗରୀର ପ୍ରହରୀ ପୌଷ ମାସ କୃଷ୍ଣ ପକ୍ଷ, ଦଶମୀ ରାତିରେ ତାକୁ ବିବସ୍ତ୍ର କରି ଜଙ୍ଗଲକୁ ବିତାଡିତ କଲେ । ଦିନ ସାରା ଅତ୍ୟନ୍ତ ଭୋକରେ ଅଶ୍ୱତ୍ଥ ଫଳ ଗୋଟେଇ ଖାଇବାକୁ ଭାବିଲା । କିନ୍ତୁ ନିଜ ଭାଗ୍ୟ ଆଉ ଚରିତ୍ର ଉପରେ କ୍ରୋଧ ଆଉ ଅଭିମାନରେ ସେ ଫଳ ନଖାଇ ଗଛ ମୂଳରେ ରଖି ଭଗବାନଙ୍କୁ କହିଲା, 'ହେ ପ୍ରଭୁ ଫଳ ଆପଣ ଗ୍ରହଣ କରନ୍ତୁ । ମୁଁ ନିରାହାରରେ ପ୍ରାଣ ତ୍ୟାଗ କରିବି' । ପାଖରେ ଥିବା ହିମଗିରି ପର୍ବତର ଥଣ୍ଡା ପବନ ଏବଂ ପେଟର ଜ୍ୱାଳା ରେ ସେ ରାତିସାରା ଅନିଦ୍ରା ରହି ପ୍ରଭୁଙ୍କୁ ସ୍ମରଣ କଲା । ସକାଳ ହୁଅନ୍ତେ ଧଳା ଘୋଡ଼ା ସହିତ ସ୍ୱୟଂ ନାରାୟଣ ପ୍ରକଟ ହୋଇ ତାକୁ ଆଶୀର୍ବାଦ ଦେଲେ ଏବଂ ଘୋଡ଼ା ଚଢ଼ି ରାଜାଙ୍କ ପାଖକୁ ଯିବାକୁ ଉପଦେଶ ଦେଲେ । ଲୁମ୍ପକ ରାଜାଙ୍କ ପାଖକୁ ଗଲା, ଏବଂ କାଳକ୍ରମେ ରାଜା ହୋଇ ଚମ୍ପାବତୀ ର ଶାସନ ଭାର ନେଲା । ଯେପରି ଅଜାଣତରେ ମଧ୍ଯ ନିଆଁ କୁ ଧରିଲେ ହାତ ପୋଡିଯାଏ, ସେପରି ଅଜାଣତରେ ଲୁମ୍ପକ ସଫଳା ଏକାଦଶୀ ବ୍ରତ କରି ଥିବାରୁ ତାର ସମସ୍ତ ପାପ କ୍ଷୟ ହୋଇ ଜୀବନ ରେ ସଫଳ ହୋଇ ପାରିଲା । ସଫଳା ଏକାଦଶୀରେ ଶ୍ରୀଫଳ, ଲେମ୍ବୁ, ଡାଳିମ୍ବ ଓ ଗୁଆ ଇତ୍ୟାଦି ଅର୍ପଣ କରି ନାରାୟଣ ଭଗବାନଙ୍କୁ ପୂଜା କରାଯାଏ । ଏହି ଏକାଦଶୀରେ ଫଳାହାର ସଙ୍ଗେ ରାଶି ଏବଂ ଗୁଡ଼ ର ଆହାର କରିବା ଉଚିତ । ସଫଳା ଏକାଦଶୀ ବ୍ରତ ପାଳନରେ ନାରାୟଣଙ୍କ ଆଶୀର୍ବାଦରୁ ପାପ କ୍ଷୟ ପୂର୍ବକ ସଫଳତା ମିଳିଥାଏ ।

*ବକ୍ରକବାଟି ରୋଡ, କଟକ-୧*
*ମୋବାଇଲ: ୯୩୩୮୫୭୦୯୯୩*



## ମନ୍ଦିର ମାଳିନୀ : ଭାଗ-୭

### ଚମ୍ପକେଶ୍ୱର ମନ୍ଦିର

ପୁରୁଣା ଭୁବନେଶ୍ୱରସ୍ଥିତ ପର୍ଶୁରାମେଶ୍ୱର ମନ୍ଦିର ସାମ୍ନାରେ ଥିବା ଗଳି ରାସ୍ତା ଦେଇ ଲିଙ୍ଗରାଜ ମନ୍ଦିରକୁ ଆସିବା ବେଳେ ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ପଡ଼ିଥାଏ ୧୩ଶହ ଶତାବ୍ଦୀରେ ନିର୍ମିତ ଚମ୍ପକେଶ୍ୱର ମନ୍ଦିର । ଏଠାରେ ପାତାଳ ଫୁଟି ଶିବଲିଙ୍ଗ ପୂଜା ପାଆନ୍ତି । ଲୋକକଥା ଅନୁସାରେ ଚମ୍ପକେଶ୍ୱର ମନ୍ଦିରରେ ଚମ୍ପାନାଗ ବା କୋବ୍ରାମାନେ ନିର୍ଦ୍ୱନ୍ଦ୍ୱରେ ଚଳାଚଳ କରନ୍ତି । କିନ୍ତୁ ସେମାନେ ମଣିଷର କୌଣସି କ୍ଷତି କରିନଥାନ୍ତି । ଚମ୍ପାନାଗଙ୍କ ନାମରେ ମନ୍ଦିରର ନାମକରଣ ଚମ୍ପକେଶ୍ୱର ରଖାଯାଇଛି । ପୁରୁଣା କୀର୍ତ୍ତିରାଜିର ସୁରକ୍ଷା ପାଇଁ ସରକାରୀ ଉଦ୍ୟମ ହେଲେ ଚମ୍ପକେଶ୍ୱର ମନ୍ଦିର ଭଳି କିମ୍ବଦନ୍ତୀ ମନ୍ଦିରଗୁଡିକରେ ଅଧିକ ଜନ ସମାଗମ ହେବା ସହିତ ମନ୍ଦିରମାଳିନୀ ଭୁବନେଶ୍ୱର ନାମକରଣର ଯଥାର୍ଥତା ପ୍ରତିପାଦିତ ହୁଅନ୍ତା ।

ଜ୍ଞାନ ରଞ୍ଜନ ମିଶ୍ର

# ପିଏମ୍ ସୂର୍ଯ୍ୟଘର ପାଇଁ ସହାୟତା ଦେବେ ରାଜ୍ୟ ସରକାର




ଭୁବନେଶ୍ୱର (ଭିଓଭି): ରାଜ୍ୟର ବିଦ୍ୟୁତ ଉପଭୋକ୍ତା ଅଧିକାର ନିୟମ ୨୦୨୦କୁ ଓଡ଼ିଶା ସକ୍ରିୟ ଭାବେ କାର୍ଯ୍ୟକାରୀ କରୁଛି। ପିଏମ୍ ସୂର୍ଯ୍ୟଘର ଯୋଜନାକୁ ଅଧିକ ଆକର୍ଷିତ କରିବାକୁ ଓଡ଼ିଶା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଚିନ୍ତା କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ନୂଆଦିଲ୍ଲୀର ଯଶୋଭୂମିଠାରେ ମଙ୍ଗଳବାର ଅନୁଷ୍ଠିତ ଶକ୍ତିମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗଦେଇ ସେ କହିଛନ୍ତି ଯେ, ଓଡ଼ିଶା ୮୮୫୬ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରି ଶକ୍ତି ନିରାପତ୍ତାକୁ ସୁନିଶ୍ଚିତ କରିଛି। ୨୦୩୦ ସୁଦ୍ଧା ୧୫୬୦୩ ମେଗାୱାଟ ଶକ୍ତି ଯୋଡ଼ିବାକୁ ଲକ୍ଷ୍ୟ ରଖିଛି। ସେଥିମଧ୍ୟରୁ ଅଧାରୁ ଅଧିକ ଅକ୍ଷୟ ଶକ୍ତିର ଉତ୍ସରୁ ପ୍ରସ୍ତୁତ ହେବ। ୨୦୩୦ ସୁଦ୍ଧା ରାଜ୍ୟର ଅକ୍ଷୟ ଶକ୍ତି କ୍ଷମତା ୧୦,୦୦୦ ମେଗାୱାଟ୍ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ଶକ୍ତି ସରଂକ୍ଷଣକୁ ପ୍ରାଥମିକତା ଦେଇ ଓଡ଼ିଶା ୧୦,୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପିଏସ୍‌ପି ପ୍ଲାଣ୍ଟ ପାଇଁ ଯୋଜନା କରୁଛି। ଏହି ପ୍ରକଳ୍ପଗୁଡିକୁ ଆର୍ଥିକ ଦୃଷ୍ଟିରୁ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟାଟେରି ଏନର୍ଜି ଷ୍ଟୋରେଜ ସିଷ୍ଟମ (ବିଏସ୍‌ଏସ୍) ଏବଂ ପିଏସ୍ ?ପି ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ସହାୟତା ବୃଦ୍ଧି କରିବାକୁ କେ.ଭି. କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଅଣ ପାରମ୍ପରିକ ଶକ୍ତି ପ୍ରକଳ୍ପଗୁଡ଼ିକୁ ଜାତୀୟ ଗ୍ରୀଡ୍ ସହିତ ସଂଯୋଗ କରିବା ପାଇଁ ଗ୍ରୀନ୍ ଏନର୍ଜି କରିଡରର ତୃତୀୟ ପର୍ଯ୍ୟାୟ ସକାଶେ କେନ୍ଦ୍ରୀୟ ସହାୟତା ଲୋଡିଛନ୍ତି। ସାରା ରାଜ୍ୟରେ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ ନିମନ୍ତେ ଆବଶ୍ୟକ ପ୍ରମୁଖ ପ୍ରକଳ୍ପଗୁଡ଼ିକର ତ୍ୱରିତ ପରିବେଶ ମଞ୍ଜୁରୀ ବିଷୟ ଉପରେ କେ.ଭି. ଆଲୋକପାତ କରିଥିଲେ। ଲୋ କାର୍ବନ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଦ୍ୟୁତ ଉତ୍ପାଦନ ପାଇଁ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ଅକ୍ଷୟ ଶକ୍ତିର ବ୍ୟବହାର ବୃଦ୍ଧି କରିବାକୁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ। ଶକ୍ତି କ୍ଷେତ୍ରରେ ସଂସ୍କାର, ସୁଦୃଢ଼ ଭିତ୍ତିଭୂମି, ପ୍ରଗତିଶୀଳ ରଣନୀତି, ଅକ୍ଷୟ ଶକ୍ତି ବିକାଶ କ୍ଷେତ୍ରରେ ପୁଞ୍ଜି ବିନିଯୋଗରେ ଓଡ଼ିଶା ସମଗ୍ର ଭାରତର ଶକ୍ତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଶକ୍ତି କ୍ଷେତ୍ରରେ ସଂସ୍କାର ଆଣିବାରେ ଓଡ଼ିଶାର ନେତୃତ୍ୱ ତଥା ଭାରତର ସବୁଜ ଶକ୍ତି ଲକ୍ଷ୍ୟକୁ ନେଇ ଅଗ୍ରଗତି କରୁଥିବା ବେଳେ ଏହାର ଶକ୍ତି ଭିତ୍ତିଭୂମି ଆଧୁନିକୀକରଣ ପାଇଁ ପ୍ରତିବଦ୍ଧତା ଉପରେ ସିଂଦେଓ ଆଲୋକପାତ କରିଛନ୍ତି। ବିଦ୍ୟୁତ ବିତରଣରେ ପବ୍ଲିକ-ପ୍ରାଇଭେଟ ପାର୍ଟନରଶିପ୍ (ପିପିପି) ମଡେଲଗୁଡ଼ିକର ସଫଳ ରୂପାୟନ ରାଜ୍ୟର ୪ଟି ବିଦ୍ୟୁତ ବିତରଣ କମ୍ପାନୀଙ୍କ କାର୍ଯ୍ୟଦକ୍ଷତା ଓ ଆର୍ଥିକ କ୍ଷମତାକୁ ସୁଦୃଢ଼ କରିଛି। ପୁନରୁଦ୍ଧାର ବିତରଣ କ୍ଷେତ୍ର ଯୋଜନା (ଆରଡିଏସ୍‌ଏସ୍) ଅନ୍ତର୍ଗତ ୩୦୬୯ କୋଟି ଟଙ୍କାର ପ୍ରାକୃତିକ ବିପର୍ଯ୍ୟୟ ନିରୋଧୀ ବିଦ୍ୟୁତ ଭିତ୍ତିଭୂମି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଚାରାଧୀନ ରହିଛି ବୋଲି ସିଂଦେଓ କହିଛନ୍ତି। ଏହ ସମ୍ମିଳନୀରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ମଧ୍ୟ ଉପସ୍ଥିତ ଥିଲେ।

# ଜୟନାରାୟଣ ଓ ଧ୍ରୁବଙ୍କ ମଧ୍ୟରେ ବାକ୍‌ଯୁଦ୍ଧ

ଭୁବନେଶ୍ୱର, : ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ବୟାନକୁ ନେଇକଟାକ୍ଷ କରିଛନ୍ତି ସମ୍ବଲପୁର ବିଧାୟକ ତଥା ବରିଷ୍ଠ ବିଜେପି ନେତା ଜୟନାରାୟଣ ମିଶ୍ର। ସେ କହିଛନ୍ତି, ଆଇସିୟୁରେ ବିଜେଡି। ଏବେ ସାଲାଇନ୍ ଲାଗିଛି। ଅତନୁ ବାବୁ କହୁଛନ୍ତି କଂଗ୍ରେସ ସହିତ ମିଶି ସରକାର କରିବେ। ସ୍ୱାଗତ। କିନ୍ତୁ ବିଜେଡି ଦଳ ରହିଲେ ତ। ବିଜେଡିର ଆୟୁଷ ବହୁତ କମ୍।





ଏବେ ତ ବିଜେଡ଼ି ସାଲାଇନ ଓ ଆଇସିୟୁରେ ଅଛି। ଦଳ ଯେହେତୁ ଭାଙ୍ଗିଯାଉଛି, ତାକୁ ବଞ୍ଚାଇବାକୁ ଅତନୁ ବାବୁ ଏଭଳି କହୁଛନ୍ତି। ନେତୃତ୍ୱ କାହିଁ ବିଜେଡି ତ ଲିଜ୍ ରେ ଚାଲିଥିଲା। କେତେବେଳେ ପ୍ୟାରୀ ତ ଆଉ କେତେବେଳେ ପାଣ୍ଡିଆନ୍ ଲିଜ୍ ନେଇଥିଲେ। ବିଜେଡିରେ କୌଣସି କର୍ମୀଙ୍କ କଥା ରହିଲାନି। ବିଜେଡିର ଆୟୁଷ ବହୁତ କମ୍। ଏବେ ତ ବିଜେଡ଼ି ସାଲାଇନ ଓ ଆଇସିୟୁରେ ଅଛି। ଦଳ ଯେହେତୁ ଭାଙ୍ଗିଯାଉଛି, ତାକୁ ବଞ୍ଚାଇବାକୁ ଅତନୁ ବାବୁ ଏଭଳି କହୁଛନ୍ତି। ନେତୃତ୍ୱ କାହିଁ ବିଜେଡି ତ ଲିଜ୍‌ରେ ଚାଲିଥିଲା। କେତେବେଳେ ପ୍ୟାରୀ ତ ଆଉ କେତେବେଳେ ପାଣ୍ଡିଆନ୍ ଲିଜ୍ ନେଇଥିଲେ। ବିଜେଡିରେ କୌଣସି କର୍ମୀଙ୍କ କଥା ରହିଲାନି। ଏଣେ ଜୟ ନାରାୟଣ କହିବା ପରେ ପ୍ରତିକ୍ରିୟା ରଖିଲା ବିଜେଡି। ବିଜେଡି ବିଧାୟକ ଧ୍ରୁବ ସାହୁ କହିଛନ୍ତି, ସମୟ କହିବ ଆଗକୁ କଣ ହେବ। ଓଡ଼ିଶାର ଜନସାଧାରଣ ସେହି ନିଷ୍ପତ୍ତି ନେବେ। ବିଜେପି ଏଭଳି ଦିବା ସ୍ୱପ୍ନ ଦେଖିବା ଛାଡ଼ନ୍ତୁ । ୪ ମାସ ମଧ୍ୟରେ କିଏ ଆଇସିୟୁକୁ ଯାଇଛି ତାହା ଓଡ଼ିଶାର ଲୋକେ ଦେଖୁଛନ୍ତି ଆଗକୁ ତାହାର ବିଚାର କରିବେ। ଧ୍ରୁବ ସାହୁ ଆହୁରି କହିଛନ୍ତି, ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଦକ୍ଷ ଅଫିସରମାନଙ୍କୁ ଭଲ ସ୍ଥାନରେ ପୋଷ୍ଟିଂ କରିବା ପାଇଁ ଦାବି କରାଯାଇଥାଏ। ସେଥିରେ କିଛି ନୂଆ ନାହିଁ । ସାଧାରଣ ଲୋକଙ୍କ ପ୍ରତି ସମ୍ବେଦନଶୀଳ ଥିବା ନେତାମାନେ ଏଭଳି ମନ୍ତବ୍ୟ ଦେବା ଠିକ ନୁହେଁ। ଅରୁଚିକର ମନ୍ତବ୍ୟ ଦେବାରୁ କ୍ଷାନ୍ତ ରୁହନ୍ତୁ। ଗରିବ ଲୋକଙ୍କ ପ୍ରତି ତାଙ୍କ ଦାୟିତ୍ୱ କଣ ବୁଝି ବିଚାରି ମନ୍ତବ୍ୟ ରଖନ୍ତୁ।ସୂଚନାଯୋଗ୍ୟ, ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ରବିବାର ଅନୁଷ୍ଠିତ ବିଜେଡି ଜନସମ୍ପର୍କ ପଦଯାତ୍ରାରେ ଅତନୁ ନିଜ ଦଳର କର୍ମୀ ତଥା ମୁରବିଙ୍କୁ ଭରସା ଦେବାକୁ ଯାଇ ପୁଣିଥରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା କହିଥିଲେ। ଅତନୁ କହିଥିଲେଯେ ନବୀନ ମୁଖ୍ୟମନ୍ତ୍ରୀ ହେବା ପାଇଁ ଆଉ ଆଠ ଦଶଟି ସିଟ୍ ଦରକାର। କିନ୍ତୁ ଏହି ଆସନଗୁଡ଼ିକ ସଂପର୍କରେ ସେ ଖୋଲିକି କହି ନାହାନ୍ତି। କିନ୍ତୁ ଅତନୁଙ୍କ ଏଭଳି ଗଣିତ ଉପରେ ଜବାବ ରଖିଥିଲେ ମହାକାଳପଡ଼ାର ବିଜେପିବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ। ସେ ଏହାକୁ ପ୍ରତ୍ୟାଖ୍ୟାତ ନେତାଙ୍କ ବାଚାଳାମି ବୋଲି କହିବା ସହିତ ନିଜ ପାଦ ତଳୁ ମାଟି ଖସିଯାଉଥିବା ଜାଣିପାରି ଅତନୁ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ଲୋକମାନେ କିନ୍ତୁ ଠିକ୍ କ'ଣ ତାହା ଜାଣିଛନ୍ତି। ଦୁଇ ନେତାଙ୍କ ଏଭଳି ଆକ୍ଷେପ-ପ୍ରତିଆକ୍ଷେପ ଜିଲ୍ଲା ରାଜନୀତିକୁ ସରଗରମ କରିଛି।

# ବ୍ୟବସାୟ ପାଇଁ ଶିଳ୍ପପତିଙ୍କ ପ୍ରଥମ ପସନ୍ଦ ହେବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ୬ ଦିନିଆ ସିଙ୍ଗାପୁର ଗସ୍ତରେ ବାହାରିଛନ୍ତି। ଗସ୍ତ ପୂର୍ବରୁ ଭୁବନେଶ୍ୱର ବିମାନବନ୍ଦର ପରିସରରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ନିବେଶ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଏଠାରେ, ନିବେଶକ ମାନଙ୍କୁ ସମସ୍ତ ପ୍ରକାରର ସହଯୋଗ ଓ ସୁଯୋଗ ଦେବେ ଓଡ଼ିଶା ସରକାର। ସିଙ୍ଗାପୁରର ବିଭିନ୍ନ ଶିଳ୍ପପତିମାନଙ୍କୁ ଏକଥା କୁହାଯାଇ ଓଡ଼ିଶା ପ୍ରତି ଆକୃଷ୍ଟ କରାଯିବ ।

ସେ ଆହୁରି କହିଛନ୍ତି, ବ୍ୟବସାୟ ପାଇଁ ଶିଳ୍ପପତିଙ୍କ ପ୍ରଥମ ପସନ୍ଦ ହେବ ଓଡ଼ିଶା। ଓଡ଼ିଶାର ପ୍ରାକୃତିକ ଓ ମାନବ ସମ୍ବଳ ଆଦି ବିଷୟରେ ସିଙ୍ଗାପୁରର ଶିଳ୍ପପତିମାନଙ୍କ ସହ ଆଲୋଚନା ହେବ। ଏହାଛଡ଼ା ବରିଷ୍ଠ ଶିଳ୍ପପତିମାନଙ୍କୁ ପୁଞ୍ଜି ନିବେଶ ଓ ନିଯୁକ୍ତି ସୃଷ୍ଟି ପାଇଁ ଆମେ ନିମନ୍ତ୍ରଣ କରିବୁ।



ସେ ଆହୁରି କହିଛନ୍ତି, ବ୍ୟବସାୟ ପାଇଁ ଶିଳ୍ପପତିଙ୍କ ପ୍ରଥମ ପସନ୍ଦ ହେବ ଓଡ଼ିଶା। ଓଡ଼ିଶାର ପ୍ରାକୃତିକ ଓ ମାନବ ସମ୍ବଳ ଆଦି ବିଷୟରେ ସିଙ୍ଗାପୁରର ଶିଳ୍ପପତିମାନଙ୍କ ସହ ଆଲୋଚନା ହେବ। ଏହାଛଡ଼ା ବରିଷ୍ଠ ଶିଳ୍ପପତିମାନଙ୍କୁ ପୁଞ୍ଜି ନିବେଶ ଓ ନିଯୁକ୍ତି ସୃଷ୍ଟି ପାଇଁ ଆମେ ନିମନ୍ତ୍ରଣ କରିବୁ।



# ବାତ୍ୟାଠାରୁ ରାସ୍ତା ଉପରେ ଢଳି ରହିଛି ବିଦ୍ୟୁତ ଖୁଣ୍ଟ କୁମ୍ଭକର୍ଣ୍ଣ ନିଦ୍ରାରେ ବିଭାଗ



ରାଜନଗର (ଭିଓଭି): ରାଜନଗର ବ୍ଲକ ରାଜନଗର-ଗୋପାଳପୁର ଘେରୀବନ୍ଧର ଗୁପ୍ତି ପଞ୍ଚାୟତ କନକପୁର ଡାଲଖାଇ ନିକଟରେ ଗତବାତ୍ୟା ଦାନାରେ ବିଦ୍ୟୁତ ଖୁଣ୍ଟ ଢଳି ଯାଇଥିଲା । ଦିନକୁ ଦିନ ୧୧କେଭି ବିଦ୍ୟୁତ ତାର ତଳକୁ ଓହଳିବାରେ ଲାଗିଛି । ରାସ୍ତାରେ ଯାତାୟତ କରୁଥିବା ଲୋକଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି । ଏପରିକି ଏହି ରାସ୍ତାରେ ଯାଉଥିବା ଗାଈଗୋରୁ, ବନ୍ୟଜୀବଙ୍କ ପ୍ରତି ମଧ୍ୟ ବିପଦ ଦେଖାଦେଇଛି । ବିଦ୍ୟୁତ ବିଭାଗ ଯନ୍ତ୍ରୀ କିମ୍ବା କର୍ମଚାରୀମାନେ ଏହାକୁ ତନଖି କରୁନଥିବାରୁ କେତେବେଳେ ଯେ ଅଘଟଣ ନଘଟିବ ସେ କଥା କିଏ କହିବ । ଏନେଇ କନିଷ୍ଠ ଯନ୍ତ୍ରୀ ନିରଂଜନ ବରାଳଙ୍କୁ ପଚାରିବାରୁ ମୁଁ ଆପଣମାନଙ୍କଠାରୁ ଜାଣିବାକୁ ପାଇଲି । ଆସନ୍ତା କାଲି ସଜାଡିବୁ ବୋଲି କହିଛନ୍ତି ।

# ସୁକିନ୍ଦା ରୋଡ ରେଲୱେ ସାଇଡିଙ୍ଗକୁ ପ୍ରଦ୍ୟୁଷଣ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ

କଳିଙ୍ଗନଗର (ଭିଓଭି):: ଯାଜପୁର ଜିଲ୍ଲା ସୁକିନ୍ଦା ରୋଡ ମାନପୁର ରେଲୱେ ସାଇଡିଙ୍ଗ ଯୋଗୁ ବ୍ୟାପକ ଜଳ ଓ ବାୟୁ ପ୍ରଦ୍ୟୁଷଣ ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡର ପକ୍ଷରୁ ନୋଟିସ ଦିଆଯାଇଛି ।ବିଭାଗ ପକ୍ଷରୁ ଗତ ୬ ତାରିଖ ଦିନ ସାଇଡିଙ୍ଗ ତଦନ୍ତ କରାଯାଇଥିଲା । ସାଇଡିଙ୍ଗ ରେ କାମ ଚାଲିଥିବା ବେଳେ ପ୍ରଦ୍ୟୁଷଣ ନିୟମାନଙ୍କୁ ଖୋଲାଖୋଲି ଉଲ୍ଲଘନ କରାଯାଇଥିବା ଦେଖିବାକୁ ମିଳିଥିଲା । ଯାହା ଫଳରେ ବିଭାଗ ପକ୍ଷରୁ ଗୁରୁବାର ଦିନ ସୁକିନ୍ଦା ରେଲୱେ ଷ୍ଟେସନ ସୁପରୀଟେଡେଣ୍ଟ ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ ସ୍ଥାନୀୟ ସୁଆଁଲୋ ମୁଣ୍ଡାସାହି ଲୋକେ ଯକ୍ଷ୍ମା ଓ କିଡ଼ନୀ ରୋଗରେ ପଡ଼ି ବହୁତ ମୃତ୍ୟୁ ବରଣ କରୁଛନ୍ତି ଓ ଅନେକ ଅପେକ୍ଷା ରେ ଅଛନ୍ତି । ନିୟମାନୁଯାୟୀ ଜଳ ସିଞ୍ଚନ, ବୃକ୍ଷ ରୋପଣ ଆଦି କରା ଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । କୋଇଲା ଗୁଣ୍ଡା ଓ କ୍ଲିଙ୍କର ଗୁଣ୍ଡ ସବୁ ପବନରେ ଉଡ଼ି ଅଖା ପାଖ କୂଅ ପୋଖରୀ କୁ ପ୍ରଦ୍ୟୁଷିତ କରୁଛି ।ଗଛିତ କୋଇଲା ଗୁଣ୍ଡ ଉପରେ ନିୟମିତ ଜଳ ସିଞ୍ଚନ କରିବା, କୋଇଲା ଗାଡି ଗୁଡିକ ଉପରେ ପାଲ



ଘୋଡାଇବା, ଅସ୍ଥାୟୀ ପାଚେରୀ କୁ ମରାମତି କରିବା ପରେ ସାଇଡିଙ୍ଗ କୁ ଅପରେଟ କରିବାପାଇଁ ଏହି ନୋଟିସରେ ଉଲ୍ଲେଖ ରହିଛି ।ଏ ନେଇ କଳିଙ୍ଗ ନଗର ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡର ପକ୍ଷରୁ କାରଣ ଦର୍ଶାଅ ନୋଟିସ ହୋଇଛି ।

# ଫାଟିଲା ଆରଡବ୍ଲ୍ୟୁଏସ୍‌ର ପାଣି ପାଇପ୍ ରାତି ଅଧରେ ବୁଡିଗଲା ଲୋକଙ୍କ ଘରେ

ଯୋଡା (ଭିଓଭି): କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ହନୁମାନ ହାଟିଂ ରେ, ଆର ଡବ୍ଲ୍ୟୁ ଏସ୍ ଦ୍ୱାରା ବ୍ୟବହାର ହୋଇଥିବା ନିମ୍ନ ମାନର ପାଇପ୍ ଫାଟି ପ୍ରବଳ ବେଗରେ ଲୋକଙ୍କ ଘରେ ପାଣି ପଶିଛି ।ଯାହା ଦ୍ୱାରା ବିଭିନ୍ନ ଆସବାବ ପତ୍ର ନଷ୍ଟ ହେବା ସହ ଭାଙ୍ଗିଲା କାନ୍ଥ । କ୍ଷତିପୂରଣ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା, ହନୁମାନ ହଟିଂରେ ଏବେ ସୁଦ୍ଧା ରହିଛି ଅଭାବନୀୟ ପରିସ୍ଥିତି । ରାତି ଅଧରେ ହଠାତ୍ ପାଣି ପାଇପ୍ ଲାଇନ୍ ଫାଟି ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ପ୍ରବଳ ବେଗରେ ପାଣି ନିର୍ଗତ ହୋଇ ଲୋକଙ୍କ ଘରକୁ ମାଡ଼ିଯାଇଥିଲା । ବିଭିନ୍ନ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗ୍ରାମୀଣ ଜଳ ଯୋଗାଣ (ଜଡଝ) ବିଭାଗ ଦ୍ୱାରା ଗୁରୁବେଡ଼ା ଠାରୁ ଯେଉଁ ପାଇପ୍ ଲାଇନ୍ ଯାଇଛି ତାହା ଫାଟିବା କାରଣରୁ ଏଭଳି ପରିସ୍ଥିତି ଦେଖାଦେଇଥିଲା । ଗତ ରାତି ପ୍ରାୟ ଗୋଟାଏ ସମୟରେ ହନୁମାନ ହଟିଂ ଦେଇ ଯାଇଥିବା ଏହି ପାଇପ୍ ଫାଟିଯାଇଥିଲା । ଲୋକେ ଶୋଇଥିବା



ବେଳେ ହଠାତ୍ ଘର ଭିତରକୁ ପ୍ରଖର ପାଣି ସୁଅ ମାଡ଼ି ଯାଇଥିଲା । କିଛି ଭାବିବା ଆଗରୁ ଲୋକଙ୍କ ଘର ଭିତରେ ଥିବା ଆସବାବପତ୍ର ସବୁ ବୁଡ଼ି ଯିବା ସହିତ, ପୋଷାକ, ବିଛଣା, ଚାଉଳ ଓ ଅନ୍ୟାନ୍ୟ ଜିନିଷପତ୍ର ନଷ୍ଟ ହୋଇଯାଇଥିଲା । ଏଥିରେ ୧୦ରୁ ଅଧିକ ପରିବାର କ୍ଷତିଗ୍ରସ୍ତ ହୋଇଥିବା ବେଳେ, ହଟିଂରେ ରହୁଥିବା ଜୀଙ୍ଗି ମୁଣ୍ଡା ଓ ଗଣେଷ ମୁଣ୍ଡାଙ୍କ ଘର କାନ୍ଥ ଭାଙ୍ଗି ଯାଇଛି । ଏମିତିରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ତେବେ ପାଣି ବନ୍ଦ ହେବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଛି । କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବା ସହ କ୍ଷତିପୂରଣ ପାଇଁ ଲୋକେ ଦାବି କରିଛନ୍ତି । ତେବେ ଏହି ଘଟଣା ପରେ ଏପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ କିମ୍ବା ପ୍ରଶାସନର କୌଣସି ଅଧିକାରୀ ଘଟଣା ସ୍ଥଳରେ ପହଂଚି ନଥିବା ବେଳେ ଉକ୍ତ ୱାର୍ଡ ର ପୂର୍ବତନ କାଉନସିଲର ସୁରେଶ ବାରିକ ଓ ଏବେକାର କାଉନ୍ସିଲର ପୂଜା ସିଂ ଆଲାଡା ଘଟଣା ସ୍ଥଳରେ ପହଂଚି ସ୍ଥାନୀୟ ଲୋକଙ୍କ ଅସୁବିଧା ପରଖିବା ସହିତ ଶୀଘ୍ର ଏହାର ସମାଧାନ କରି ଲୋକଙ୍କ କ୍ଷତି ପୂରଣ ଦେବାକୁ ଦାବି କରିଛନ୍ତି ।

# ବିଭିନ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ଅଛନ୍ତି ଗାଡ଼ିମାସ୍କା ଅଞ୍ଚଳବାସୀ

କନ୍ଧମାଳ (ଭିଓଭି): ଦୀର୍ଘ ତିନି ବର୍ଷ ହେବ ବିଦ୍ୟୁତ୍ ସେବାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି ଗାଡ଼ିମାସ୍କା ସମେତ ଟିଡ୍ରା , ପାଦେରପଡ଼ା ଓ ଶିକେଲି । କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଖମଣଖୋଲ ପଞ୍ଚାୟତ ଦୁର୍ଗମ ମାଓ ପ୍ରବଣ ଅଞ୍ଚଳରେ ଦୀର୍ଘ ବର୍ଷ ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ତ ମୌଳିକ ଆବଶ୍ୟକତାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି ସେହି ଅଞ୍ଚଳବାସି । ଖମଣଖୋଲ ଠାରୁ ଗାଡ଼ିମାସ୍କା ପର୍ଯ୍ୟନ୍ତ ରାସ୍ତା ହୋଇଥିଲେ ସୁଦ୍ଧା ଗୋଟିଏ ବର୍ଷ ନ ପୁରୁଣୁ ରାସ୍ତାରେ ଖାଲ ଖମା ହୋଇଥିବାରୁ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ । ଯାହା ସୂଚନା ଅଛି ଯେ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ରାସ୍ତା କାର୍ଯ୍ୟ କରିବା ସମୟରେ ବଡ଼ ବଡ଼ ଜଙ୍ଗଲି ମୂଲ୍ୟବାନ ଗଛ ନଷ୍ଟ ହେବା ସହିତ ବିଦ୍ୟୁତ୍ ତାର ଉପରେ ପଡ଼ି ବିଦ୍ୟୁତ୍ ତାର ଛିଣ୍ଡିଯିବା କାରଣରୁ ବିଦ୍ୟୁତ୍ ସରବରାହ ବନ୍ଦ ହେଇଥିବା ଅଭିଯୋଗ କରିଛନ୍ତି । ଏବାବଦରେ ବିଦ୍ୟୁତ୍ ବିଭାଗୀୟ କର୍ମଚାରୀ ଅଭିଯୋଗ କରିବାରୁ କୌଣସି ସନ୍ତୋଷଜନକ ପ୍ରତିକ୍ରିୟା ମିଳି ନାହିଁ ଓ ସେ ବିଦ୍ୟୁତ୍ କର୍ମଚାରୀ କହିବାର କଥା ଯେ ରାସ୍ତା




କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଆମ ଠାରୁ କୌଣସି ଆଦେଶ ନ ନେଇ କାର୍ଯ୍ୟ କରିଚି । ତେଣୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସେହି ଅଞ୍ଚଳରେ ବିଦ୍ୟୁତ୍ ସେବା ଠିକ୍ ଠାକ୍ ଚାଲିଛି । ହେଲେ ଏଠୀ ବର୍ତ୍ତମାନ ସାଧାରଣରେ ଏକ ବଡ଼ ପ୍ରଶ୍ନ ଉଠିଛି ଯେ ରାସ୍ତା ନିର୍ମାଣ ଠିକା ସଂସ୍ଥା ଓ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ମାନେ ଲୋକଙ୍କ ଭାବନା ସହିତ କାହିଁକି ଖେଳୁଛନ୍ତି । ଏତିକିରେ ସରିନି ସେହି ଅଞ୍ଚଳର ଲୋକ ସମସ୍ୟା ବିଶୁଦ୍ଧ ପାନୀୟ ଜଳର ଅଭାବଥିବାରୁ ଲୋକେ ବାଧ ହୋଇ ଜୀବନ ବଞ୍ଚିବା ପାଇଁ ନଦୀ ଓ ଝରଣା ପାଣି ବ୍ୟବହାର କରୁଥିବା ସୂଚନା ମିଳିଛି ।

# ହଜାର ଶଯ୍ୟା ବିଶିଷ୍ଟ ଇଡ଼ିକୋ ଶ୍ରମିକ ବିଲଡିଂ କାର୍ଯ୍ୟରେ ବିଳମ୍ବ, ଶ୍ରମିକଙ୍କ ପାଉଣା ପାଇଁ କାର୍ଯ୍ୟ ହେଇଛି ଠପ

କଳିଙ୍ଗନଗର(ଭିଓଭି): କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ଯଖପୁରା ଠାରେ ନୂତନ ଇଡିକୋ ଲେବର ହଷ୍ଟେଲ ନିର୍ମାଣ କାର୍ଯ୍ୟ ୨ ମାସ ହେବ ବନ୍ଦ ! ଇଡ଼ିକୋ ଯେଉଁ କାମ କରୁଛି କେଉଁଠି ତାହା ଅର୍ଦ୍ଧନିର୍ମିତ ହୋଇ ପଡ଼ୁଛି ତ ଆଉ କେଉଁଠି ଅର୍ଥ ଅଭାବରୁ ମନ୍ଥର ଗତିରେ ଚାଲିଛି, ଆଉ କେଉଁଠି କାମ ସରିଯାଇଛି କିନ୍ତୁ ଭୂତ କୋଠୀ ପାଲଟିଛି ମାର୍କେଟ କମ୍ପ୍ଲେକ୍ସ ଓ ଏ. ଡି. ଏମ ଅଫିସ ପରି ବିଲଡିଂ ଘର, ଏହି ବନ୍ଦ ହେବା ପଛରେ ମୁଖ୍ୟ କାରଣ ହେଲା ଶ୍ରମିକ ମାନେ ଦୀର୍ଘ ଦିନ ହେବ କାମ କରି



ପାରିଶ୍ରମିକ ପାଇନାହାନ୍ତି, ଠିକାଦାର ଙ୍କୁ ଏ ବିଷୟରେ ପଚାରିଲେ ଠିକ୍ ସମୟରେ ଇଡକୋ ପେମେଣ୍ଟ କରୁନଥିବା ଯୋଗୁଁ କାମ ବିଳମ୍ବ ହେଉଛି ବୋଲି କହିଛନ୍ତି । ଯାହା ଫଳରେ ଲେବର ହଷ୍ଟେଲ ନିର୍ମାଣ କାମ କୁ ବନ୍ଦ କରି ବହୁ ଶ୍ରମିକ ଘରକୁ ଯାଇଥିବାବେଳେ ଘରୁ ଆସିବା ରେ ବିଳମ୍ବ କରୁଥିବା ଦେଖିବାକୁ ମିଳିଛି । ଲେବର ହଷ୍ଟେଲ ନିର୍ମାଣ କାର୍ଯ୍ୟ ପାଇଁ ଇଡକୋ ତରଫରୁ ୪୧.୦୪୬ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ୬.୧୨.୨୦୨୨ କାର୍ଯ୍ୟ ଆରମ୍ଭ କରି ୫.୫.୨୦୨୪ ରେ ଅଠର ମାସ ରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସୂଚନା ଫଳକରେ ଲେଖା ଅଛି, ଯଦି ଏହି ପରି ମଝିରେ ମଝିରେ ଇଡକୋ ଓ ଠିକାଦାର ମନଇଚ୍ଛା କାର୍ଯ୍ୟ କୁ ବନ୍ଦ କରିବେ ଫଳରେ କାର୍ଯ୍ୟ ସରିବା ରେ ଆହୁରି ଅଧିକ ବିଳମ୍ବ ହେବ ଏଥରେ କୌଣସି ସଂନ୍ଦେହ ନାହିଁ । ଏହି କାର୍ଯ୍ୟ କୁ ଡିକେ ଇଞ୍ଜିନିୟରିଂ ଏବଂ କନଷ୍ଟ୍ରାସନ ନାମକ ବଲାଙ୍ଗୀର ର ଠିକା ସଂସ୍ଥା କରୁଛି,ଶ୍ରମିକ ସର୍ଦାର ତାଙ୍କ ବାକି ପାଉଣା ଶୀଘ୍ର ଦେବା ପାଇଁ ଗୁହାରି କରିଛନ୍ତି ।

### ଜାଲ ଶିକ୍ଷାଗତ ପ୍ରମାଣ ଦେଇ ଏମ ବି କେ ଚାକିରୀ ହାତେଇଥିବା ମହିଳାଙ୍କ ପୋଲ ଖୋଲିଲେ ସୀମା ନାୟକ

# ଆରଟିଆଇ ତଥ୍ୟ ବଳରେ ଡେରାବିଶ ବିଡ଼ିଓଙ୍କ ନିକଟରେ ଅଭିଯୋଗ

କେନ୍ଦ୍ରାପଡ଼ା,(ଭିଓଭି): ଡେରାବିଶ ଅଞ୍ଚଳରେ ବଢ଼ି ଚାଲିଛି ଜାଲ ଶିକ୍ଷାଗତ ପ୍ରମାଣପତ୍ର ଦେଇ ସରକାରୀ ଚାକିରୀ ହାତେଇ ଥିବା ସଂଖ୍ୟା। ଡେରାବିଶ ବ୍ଲକ ଜଁଅାଁରା ବାରିମୂଳ ପଞ୍ଚାୟତର ଏମ ବି କେ ପୋଷ୍ଟ ପାଇଥିବା ମହିଳା ସ୍ୱୟଂପ୍ରଭା ମିଶ୍ରଙ୍କ ନାମରେ ସାଙ୍ଘାତିକ ଅଭିଯୋଗ କରିଛନ୍ତି ସୀମା ନାୟକ। ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ବେଲେସ୍ୱର ମହାଦେବ ସଂସ୍କୃତ ମହାବିଦ୍ୟାଳୟ ନା କୁ ବ୍ୟବହାର କରି ନକଲି ଶିକ୍ଷାଗତ ପ୍ରମାଣ ପତ୍ର ତିଆରି କରି ଚାକିରୀ କରିଥିଲେ। ସୋୟଂ ପ୍ରଭା ମିଶ୍ର.ପାଖାପାଖି ଦେଢ଼ ବର୍ଷ ହେବ ସୋୟଂପ୍ରଭା ମିଶ୍ର ଉକ୍ତ ପଦବୀରେ ରହି





ଦରମା ମଧ୍ୟ ନେଉଛନ୍ତି। ଜଁଅାଁରା ବାରିମୂଳ ପଞ୍ଚାୟତର ଏମ ବି କେ ସୋୟଂପ୍ରଭା ମିଶ୍ର ଦେଢ଼ ବର୍ଷ ତଳେ ୨୦୨୩ ମସିହାରେ ସେହି ପଦବୀ ଆବେଦନ ସମୟରେ ଦେଇଥିବା ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ପରୀକ୍ଷାର ପ୍ରମାଣ ପତ୍ର ନକଲି ବୋଲି ଆର ଟି ଆଇ ତଥ୍ୟରୁ ଜଣା ପଡ଼ିଛି। ସେ ସମୟରେ ସେହି ଏମବିକେ ପୋଷ୍ଟ ପାଇଁ ସୋୟଂ ପ୍ରଭାଙ୍କ ପରେ ଦ୍ୱିତୀୟ ସ୍ଥାନରେ ଥିବା ତିହଡା ଗ୍ରାମର ସୀମା ନାୟକ ଓ ତାଙ୍କ ସହଯୋଗୀ ତଥା ଶଶୁର ରମେଶ ଚନ୍ଦ୍ର ରାଉତ, ଆର ଟି ଆଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଇ ସୋୟଂପ୍ରଭାଙ୍କ କଲେଜ ଶିକ୍ଷାଗତ ପ୍ରମାଣ ପତ୍ର ନକଲି ବୋଲି ଜାଣିପାରିଲେ। ବେଲେଶ୍ୱର ମହାଦେବ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ସୋୟଂପ୍ରଭା ମିଶ୍ର ସେହି କଲେଜରେ ପଢ଼ି ନଥିଲେ କି ସେହି ବର୍ଷ ପରୀକ୍ଷା ଦେଇ ନଥିଲେ। ଏସବୁ ଆର ଟି ଆଇ ତଥ୍ୟରେ ନିଶ୍ଚିନ୍ତ କୋଇଲି ବିଇଓ ସ୍ପଷ୍ଟ କରିଛନ୍ତି। ଏ ନେଇ ସୀମା ନାୟକ ଡେରାବିଶ ବିଡ଼ିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ସୋୟଂ ପ୍ରଭା ମିଶ୍ର ଚାକିରୀ ଆବେଦନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଦେଇଥିବା କଲେଜ ଶିକ୍ଷାଗତ ପ୍ରମାଣ ପତ୍ର ନିଶ୍ଚିନ୍ତ କୋଇଲି ବ୍ଲକର ବେଲେଶ୍ୱର ମହାଦେବ ସଂସ୍କୃତ ମହାବିଦ୍ୟାଳୟରୁ ୨୦୦୪ ମସିହାରେ ଉପଶାସ୍ତ୍ରୀରେ ଫାଷ୍ଟ କ୍ଲାସ ଓ ୨୦୦୮ ମସିହାରେ ଶାସ୍ତ୍ରୀ ପରୀକ୍ଷାରେ ଫାଷ୍ଟ କ୍ଲାସ ଅନର୍ସ ଉଇଥ ଡିସଟିଂକ୍ସନ (ଯସଙ୍ଖଙ୍ଖସକୁଭମଙ୍ଖସକୁଭ) ରେ କୃତ କାର୍ଯ୍ୟ ହୋଇଥିବା ପ୍ରମାଣ ପତ୍ର ଦେଇ ଚାକିରୀ କରିଥିଲେ। ହେଲେ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟ କରିତକର୍ମା ସୋୟଂପ୍ରଭା ମିଶ୍ରଙ୍କ ଜାଲିଆତିର ପର୍ଦ୍ଦାଫାଶ କରିଛି। ଉକ୍ତ କଲେଜରେ ସେ ପଢି ନଥିବା ନିଶ୍ଚିନ୍ତ କୋଇଲି ବ୍ଲକ ଶିକ୍ଷାଅଧିକାରୀ ଆର୍ଟିଆଇ ତଥ୍ୟ ମକ୍ଷଧମରେ ଲିଖିତ ଭାବେ ଜଣାଇ ଦେଇଛନ୍ତି। ଏନେଇ ଆଜି ସୀମା ନାୟକ ଡେରାବିଶ ବିଡ଼ିଓଙ୍କୁ ଅଭିଯୋଗ କରି ଉକ୍ତ ଏମ୍ବିକେ ପୋଷ୍ଟକୁ ନିୟମ ଅନୁଯାୟୀ ନିଜେ ପାଇବା ପାଇଁ ଦାବି ରଖିବା ସହ ସୋୟଂପ୍ରଭା ମିଶ୍ରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ରଖିଛନ୍ତି।

# ବର୍ଷା ଅଭାବରୁ ମରୁଡ଼ି ପରିସ୍ଥିତି ଚାଷୀକୁଳ ହତାଶ

ଜଗନ୍ନାଥ ପ୍ରସାଦ,(ଭିଓଭି): ଜଗନ୍ନାଥ ପ୍ରସାଦ ଅଞ୍ଚଳରେ ପାଣିର ସମ୍ପୂର୍ଣ୍ଣ ଅଭାବି କରଣ ଯୋଗୁ ଅଂଚଳର ସମସ୍ତ ଚାଷ ଜମିଗୁଖିଲା ପଡିଛି ଯାହାକୁ ନେଇ ଚାଷୀ ମାନଙ୍କ ମୁଣ୍ଡରେ ଚଡକ ପଡିଛି ବର୍ଷ ସାରା ନିଜର ପରିବାର ପ୍ରତିପୋଷଣ ଠାରୁ ଆରମ୍ଭ କରି ସେ ନିଜର ମହତ ମାର୍ଜିତା କରାଇବା ସହିତ ଦେହ ଖରାପ ହେଲେ ବି ସେଥିରୁ ଖର୍ଚ୍ଚ କରନ୍ତି। କିନ୍ତୁ ଚଳିତ ବର୍ଷ ନିୟଂଣ୍ଡିଆ ବର୍ଷା ଯୋଗୁ ଧାନ ଫସଲ ସମ୍ପୂର୍ଣ ନଷ୍ଟ ହୋଇଛି ଯାହା ଚାଷୀର ମେରୁଦଣ୍ଡ କୁ ଭାଙ୍ଗି ଦେଇଛି ଧାନ ସବୁ ମରିଯାଇଛି । କାରଣ ଅଞ୍ଚଳରେ ଥିବା ସମସ୍ତ ଜଳ ଭଣ୍ଡାର ଗୁଡାକ ଠିକ ମରାମତି କାମ ହୋଇନଥିବାରୁ ସେଥିରେ ପାଣି ରହୁନି



କେନାଲ ସବୁ ବନ୍ଦ ହୋଇଛି ସଫା ହୋଇନି ଜଙ୍ଗଲ ହୋଇପଡିଛି । ହେଲେ ସରକାର କହୁଛନ୍ତି ଚାଷୀ ମାନଙ୍କ ନିମନ୍ତେ ଢ଼ିଙ୍କ କରିଛୁ ମେହେକାଳ କରିଛୁ କହୁଛନ୍ତିତାହା ସମ୍ପୂର୍ଣ୍ଣ ମିଥ୍ୟା ସରକାର ମିଛ ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ଭୁଆଁ ବୁଲାଇ ଦେଇଛନ୍ତି । ଅଞ୍ଚଳରେ ପାଣିର ସମ୍ପୂର୍ଣ୍ଣ ଅଭାବ ବୋରିଙ୍ଗ ର ସୁବିଧା ମଧ ଠିକ ଭାବରେ ମିଳୁନି ଯାହାକୁ ନେଇ ଚାଷୀ ଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳୁଛି । ଯାହା ଧାନ ହୋଇଛି ସେଥିରେ ମଧ ହାତୀ, ବାରହା, ମାଙ୍କଡ଼ ମାନଙ୍କ ଆତଙ୍କ କହିଲେ ନ ସରେ ରାତି ସାରା ବାରହା ଓ ହାତୀ ଙ୍କୁ ଜଗନ୍ତି ଦିନରେ ମାଙ୍କଡ଼ ମାନଙ୍କୁ ଜଗି ନୟାନ୍ତ ହେଲେଣି ଚାଷୀ । ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷୀ ବାକି ହୋଇଛନ୍ତି ତାହା କିପରି ସୁଝିବେ ଚାଷୀଙ୍କୁ ଚିନ୍ତା ଏ ଦୁଃଖ ସମୟରେ ସରକାର ଯଦି ସହାୟତା ର ହାତ ବଢ଼ାନ୍ତି ଚାଷୀମାନେ ସରକାର ଙ୍କ ଉପରେ ଚିର ଋଣୀ ହୁଅନ୍ତେ । ଏଥି ସହିତ ପାଣିର ସୁବିଧା କରିବାକୁ ନୂତନ ସରକାର ଙ୍କୁ ଅନୁରୋଧ କରିଛନ୍ତି ଚାଷୀ ।

# ସାହାରପଡା ଓ ମଇଣ୍ଡା ଅଞ୍ଚଳବାସୀଙ୍କ ସମସ୍ୟା ଦୂର କଲା ଟିପିଏନଓଡ଼ିଏଲ

ବାଲେଶ୍ୱର, (ଭିଓଭି): କେନ୍ଦୁଝରେ ଜିଲ୍ଲା ସାହାରପଡା ଓ ଯାଜପୁରର ମଇଣ୍ଡା ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହୋଇଛି। ବନ୍ୟା ପରିସ୍ଥିତିରେ ବିଜୁଳି ସେବା ନେଇ ଉପୁଜୁଥିବା ସମସ୍ୟାର ସ୍ଥାୟୀ ପ୍ରତିକାର ଟିପିଏନଓଡ଼ିଏଲ କରିଛି। ସୂଚନା ମୁତାବକ କେନ୍ଦୁଝର ଜିଲ୍ଲାର ସାହାରପଡା ଓ ଯାଜପୁର ମଇଣ୍ଡା ୧୧ କେଭି ଫିଡରକୁ ସଂଯୋଗ କରୁଥିବା ଏଚଟି ତାର ଦୁଇ ପାର୍ଶ୍ୱରେ ନଦୀ ଉପର ଦେଇ ସଂଚାରଣ କରୁଥିବାବେଳେ ବନ୍ୟା ପରିସ୍ଥିତିରେ ବିଦ୍ୟୁତ ସେବା ବ୍ୟାପକ ପ୍ରଭାବିତ ହେଉଥିଲା। ବନ୍ୟା ପରିସ୍ଥିତିରେ ଏହି ଅଞ୍ଚଳକୁ ବିଦ୍ୟୁତ ସରବରାହ ବହୁ ଦିନ ବିଚ୍ଛିନ୍ନ କରିବାକୁ ପଡୁଥିଲା। ଏପରିକି ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ନଦୀ



ଫିଡରଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉଥିଲା। ଏଭଳି ସ୍ଥିତିକୁ ମୁକାବିଲା କରିବା ପାଇଁ ଟିପିଏନଓଡ଼ିଏଲ ପକ୍ଷରୁ ଏଠାରେ ଡବଲ ପୁଲ୍ ସଂରଚନାକୁ ପରିବର୍ତ୍ତନ କରାଯାଇ ଉଭୟ ପାର୍ଶ୍ୱରେ କ୍ରସିଂ ଟାୱାରର ନିର୍ମାଣ କରାଯାଇଛି। ଟାୱାରର ନିର୍ମାଣ ଫଳରେ ନଦୀର ଜଳ ସ୍ତର ଠାରୁ ଯଥେଷ୍ଟ ଉଚ୍ଚରେ ଏବେ ବିଦ୍ୟୁତ ତାର ରହୁଥିବା ବେଳେ ବନ୍ୟା ସମୟରେ ମଧ ଆଉ ପୂର୍ବ ଭଳି ସମସ୍ୟା ହେବ ନାହିଁ। ନଦୀ କ୍ରସିଂକୁ ଟାୱାର ସଂରଚନାରେ ରୂପାନ୍ତର କରି ସମସ୍ୟାର ସ୍ଥାୟୀ ପ୍ରତିକାର କରିବା ସହ ଉପଭୋକ୍ତାଙ୍କ ନିକଟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ନେଇ ନିଜର ପ୍ରତିବଦ୍ଧତା ଟିପିଏନଓଡ଼ିଏଲ ଦୋହରାଇ ପାରିଛି ।

# ସାହାସପୁର ପଞ୍ଚାୟତର ଶତାଧିକ ଚାଷୀ ବିଭିନ୍ନ ସମସ୍ୟା ନେଇ ବନବିଭାଗ, କୃଷି ବିଭାଗକୁ ଦାବି ପତ୍ର ପ୍ରଦାନ

ସାନଖେମୁଣ୍ଡି (ଭିଓଭି): ସାହାସପୁର ପଞ୍ଚାୟତର ଶତାଧିକ ଚାଷୀ ବିଭିନ୍ନ ସମସ୍ୟା ନେଇ ବନ ବିଭାଗ ଏବଂ କୃଷି ବିଭାଗକୁ ଦାବି ପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ସାହାସପୁର ପଞ୍ଚାୟତ ଅନ୍ତର୍ଗତ ସାହାସପୁର ଗ୍ରାମ ମଣ୍ଡପ ଠାରେ ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ନେଇ ସମିତିସଭ୍ୟା ପ୍ରତିନିଧି କୈଳାଶ ପାତ୍ରଙ୍କ ସଭାପତିତ୍ୱରେ ଏବଂ ନବନିର୍ମାଣ କୃଷକ ସଂଗଠନର ଗଞ୍ଜାମ ଜିଲ୍ଲା ସଭାପତି ମନୋଜ କୁମାର ମିଶ୍ରଙ୍କ ସହଯୋଗରେ ଏକ ବୈଠକ ହୋଇଯାଇଛି। ଏହି ବୈଠକରେ ଅଞ୍ଚଳର ଚାଷୀ ମାନେ କିପରି ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକର ଲଭ ନେଇପାରିବେ ଏବଂ ଜଙ୍ଗଲୀ ଯିବଜନ୍ତୁ ମାନଙ୍କ ଦୌରାତ୍ମ୍ୟ ଯୋଗୁଁ ଚଷା କ୍ଷତି କିପରି ପାଇପାରିବେ ସେନେଇ ଆଲୋଚନା ହୋଇଥିଲା। ଏହା ପରେ ଏନେଇ ଜଙ୍ଗଲ ବିଭାଗ କାର୍ଯ୍ୟାଳୟରେ



ପହଁଚି ସାହାପୁର ହାଟପଦା ଠାରେ ପହଞ୍ଚି ବାରହା ଉପଦ୍ର ଯୋଗୁଁ ହୋଇଥିବା ଖେୟକ୍ଷତି ର ଆକାଳନ କରି କ୍ଷତିର ତୁରନ୍ତ କ୍ଷତିପୂରଣ ଦେବାପାଇଁ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଏହାପରେ କୃଷି ବିଭାଗର କାର୍ଯ୍ୟାଳୟ ରେ ପହଁଚି ସାନଖେମୁଣ୍ଡି ବ୍ଲକ କୃଷି ଅଧିକାରିଣୀଙ୍କ ସହିତ ଦେଖା କରି ଚାଷୀ ମାନଙ୍କ ପାଇଁ କଣ କଣ ସବୁ ସୁବିଧା ରହିଛି ତାହା ପଚାରି ବୁଝିଥିଲେ ଏବଂ କଣ ବିହନ ସାର ଚାଷୀ ମାନଙ୍କ ପାଇଁ ଆସୁଛି ସେମାନେ ଜାଣିପାରୁନଥିବା ଅଭିଯୋଗ ଆଣିଥିଲେ । ଏହା ପରେ ୨୦୨୩ -୨୪ ମସିହାରେ ହୋଇଥିବା ମରୁଡ଼ି ର ବୀମା କେଉଁକେଉଁ ଚାଷୀ ମାନଙ୍କୁ ମିଳିଛି ଏବଂ କେତେ ଟଙ୍କା ମିଳିଛି ଜାଣିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହିବିଷୟ ନେଇ ବ୍ଲକ କୃଷି ଅଧିକାରିଣୀ ସୂଚନା ଦେଇ କହିଛନ୍ତି ଯେ ଏହା ହେଉଛି ବ୍ଲକ ପରିସଂଖାନ ଅଧିକାରୀ ଙ୍କ କାର୍ଯ୍ୟ କିନ୍ତୁ ସେମାନେ ସଠିକ ଭାବରେ କାର୍ଯ୍ୟ କରୁନାହାନ୍ତି । ଯାହା ଫଳରେ ଚଷୀ ମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ସହିତ ଚାଷୀ ମାନଙ୍କ ଅନ୍ୟସମସ୍ତ ସୁବିଧା ଅସୁବିଧାର କଥା ଶୁଣିବା ସହିତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଚାଷୀ ମାନେ ଆହୁରି ଅଭିଯୋଗ ଆଣିଛନ୍ତି ଯେ ବ୍ଲକ ପରିସରରେ ଥିବା ବ୍ଲକ ପରିସଂଖାନ କାର୍ଯାଳୟ କେବେ ମଧ୍ୟ ଖୋଲୁନାହିଁ ଏବଂ ସବୁ ବେଳେ ତାଲା ପଡିରହୁଛି । ଯାହାଦ୍ୱାରା କୌଣସି ଚାଷୀ ଯଦି କୌଣସି କାର୍ଯ୍ୟ ପାଇଁ କାର୍ଯାଳୟ ଆସନ୍ତି ତେବେ ନିରାସ ହୋଇ ଫେରିବାକୁ ବାଧ୍ୟ ହୋଇଥାନ୍ତି । ଏନେଇ ବିଭାଗୀୟ ଅଧିକାରୀ ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରିଛନ୍ତି । ଏହି ଦାବି ପତ୍ର ପ୍ରଦାନ ସମୟରେ ଏମ ମୁକୁନ୍ଦ ଦୋରା, ବିନୋଦ ରାଉଳ, ରାଜେଶ ରାଉଳ, ଗୋପାଳ ରାଉଳ, ବନମାଳୀ ପାତ୍ର, କେ ସୀତାରାମ ଦୋରା ଙ୍କ ସହିତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

# Building a Greener Future: The Dream of a Forest City in India

As climate concerns rise worldwide, the urgency to rethink our cities has become more pressing than ever. Countries across the globe are exploring innovative ways to tackle pollution, improve air quality, and create sustainable living spaces. China's recent initiative to construct a "forest city" stands as a testament to this vision, showcasing how nature and urban life can coexist harmoniously. This ambitious project blends cutting-edge urban planning with green infrastructure, aiming to create a city that breathes—a place where green spaces aren't just ornamental, but integral to the city's life and health.

The question that now arises is: could such an idea flourish here in India? And if so, can our government take up the challenge to build a city that redefines sustainable living?

**China's Forest City: A Model of Sustainable Living**

China's forest city is designed to be more than just a city; it's a living, breathing ecosystem. Envisioned with green roofs, tree-lined streets, and vertical gardens, this project integrates vegetation into every aspect of urban architecture. In this city, pollution is actively absorbed by plants, air quality is consistently improved, and residents live closer to nature. Each building in this unique landscape is designed to incorporate plants and trees, allowing for carbon dioxide absorption and oxygen production—resulting in an environment that promotes health and well-being.

With such an advanced model of urban greening, China sets a new benchmark, highlighting how cities can be built to support both people and the planet. While we've seen a few examples of green buildings and urban parks here in India, a forest city would be a true game-changer for us, showcasing a vision of cities as partners in environmental restoration, not just centers of consumption.




**Could India Embrace the Forest City Model?**

India faces some of the world's most pressing environmental challenges, from high pollution levels to dwindling green spaces. Our cities are growing rapidly, often at the expense of forests, wetlands, and other natural habitats. Imagine if, instead of expanding cities horizontally, we could create vertical forests and green rooftops in every urban area. Imagine if every residential and commercial building could contribute to the fight against climate change.

Creating a forest city in India would require commitment on multiple fronts—innovative urban planning, government support, and the will to redefine traditional city planning. It's a bold step, but if our government took the leap, the impact could be transformative. Not only would it mean better air quality and a boost to biodiversity, but it could also provide valuable green jobs, improve urban resilience to climate extremes, and inspire communities to take environmental protection more seriously.

**The Benefits of a Forest City for India**

The potential benefits of a forest city in India are far-reaching:

**- Improved Air Quality:** By incorporating green spaces into every part of the city, pollution could be significantly reduced. Plants would absorb pollutants and produce oxygen, making the air cleaner and healthier.

**Boost to Biodiversity:** With more trees, plants, and green spaces, a forest city could become a refuge for birds, bees, and other wildlife, helping to restore the natural balance in urban areas.

**Climate Resilience:** A forest city could better withstand extreme weather events like floods and heatwaves. Trees and green roofs can reduce urban temperatures, helping to combat the urban heat island effect.

**Enhanced Quality of Life:** Living closer to nature is shown to improve mental and physical well-being. A city designed to nurture green spaces would offer a peaceful, healthy environment for its residents.

**Green Jobs and Economic Growth:** Developing and maintaining a forest city would require skills in green architecture, horticulture, and sustainable planning, creating a demand for jobs and contributing to economic growth.

**A Call to Action: Building a Greener Future for Generations to Come**

Creating a forest city in India isn't just a dream—it's a necessity if we're to confront our environmental challenges head-on. To make this dream a reality, the government must lead the way by fostering public-private partnerships, supporting green infrastructure, and providing incentives for eco-friendly development. We need urban planners, architects, environmentalists, and citizens to come together, united by the vision of a city that serves both its people and the planet.

India's journey toward sustainability requires bold steps. Our cities must evolve from concrete jungles to vibrant ecosystems that nourish the earth and all its inhabitants. It's time we reimagine our urban spaces, creating cities that reflect the harmony and beauty of nature.

A forest city is more than a place to live—it's a beacon of hope, a testament to human ingenuity, and a commitment to the generations that follow. If China can build a forest city, why can't we? By investing in such a vision, we can build a future where cities are not burdens on nature, but thriving extensions of it. Let us call on our government and our communities to embrace this challenge and create a sustainable legacy we can be proud of.



**Nihar Ranjan Acharya**

*Founder, TRUST - a 'Science and Environment Lover' Organization*
*"Ph. 8249775817*
E-mail : nihar.acharya1973@gmail.com

# Vedanta's Kalinga Lancers ready for action as HIL 2024 schedule is announced

Bhubaneswar, :Vedanta's Kalinga Lancers are set to begin their journey with a powerful lineup and a well-structured game plan as the much-awaited Hockey India League (HIL) arrives after the hiatus of seven years. The team,after dominating the player auction by securing international stars and emerging local talent, is now gearing up for some of the most anticipated matches of the season as the schedule is announced. The coveted league, which will run from 28th December 2024 to 1st February 2025, brings together eight fierce teams competing for the coveted HIL championship title across iconic venues in Rourkela and Ranchi. The Kalinga Lancers will kick off their campaign on December 30, 2024, in Rourkela, against UP Rudras. With matches stacked against formidable opponents like the Tamil Nadu Dragons, Shrachi Rarh Bengal Tigers, and Delhi SG Pipers, the team has a challenging but promising path ahead. The squad, which includes seasoned players like Krishan B Pathak, Aran Zalewski, and Alexander Hendrickx, along with rising Indian talents like Rosan Kujur and Mukesh Toppo, are expected to deliver a stellar performance throughout the tournament. Commenting on the finalization of the schedule, Sunil Gupta, COO of Vedanta Aluminium, said, "This is a pivotal moment not just for the Kalinga Lancers but for hockey in Odisha and India as a whole. With a solid squad and a strategic roadmap in place, we are excited to compete in front of passionate fans, especially at our homeground in Rourkela. Our mission is to inspire and bring back the fervour for hockey in this region while striving for victory in every match." Under the guidance of experienced supporting staff, the Kalinga Lancers will focus on dynamic, fast-paced gameplay combined with tactical discipline.

# ବେଦାନ୍ତ ନେଇଥିବା ଜମି ଲୋକଙ୍କୁ ଫେରାଯିବ



ଭୁବନେଶ୍ୱର(ଭିଓଭି): ଖୁବଶୀଘ୍ର ବେଦାନ୍ତ ପାଇଥିବା ଜମିକୁ ଲୋକଙ୍କୁ ଫେରସ୍ତ କରାଯିବ । ପୁରୀ ବେଦାନ୍ତ ଜମି ପ୍ରସଙ୍ଗରେ ଏହି ବଡ଼ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି, ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ପାଇଥିବା ଜମି ଲୋକଙ୍କୁ ଫେରସ୍ତ ହେବ । ଜମି ଫେରସ୍ତ ପାଇଁ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି । ମୋଟ ୩ ହଜାର ୩୪୨.୫୩ ଏକର ଘରୋଇ ଜମି ଅଧିଗ୍ରହଣ କରାଯାଇଥିଲା । ଜମିହରାଙ୍କୁ ଚିହ୍ନଟ କରି ସେମାନଙ୍କ ଜମି ଫେରସ୍ତ କରାଯିବ । ଏନେଇ ସରକାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଦିନେ ଦୁଇ ଦିନରେ ବିଜ୍ଞପ୍ତି ପ୍ରକାଶ ପାଇବ ।ମନ୍ତ୍ରୀ ଶ୍ରୀ ପୂଜାରୀ ଆହୁରି କହିଛନ୍ତି, ଲୋକଙ୍କୁ ସେମାନଙ୍କ ଜମି ମିଳିବା ସହ ସେମାନେ ନିଜ ଜମିକୁ ଦଖଲକୁ ନେବେ । ଫେରି ପାଉଥିବା ଜମିକୁ ସଂପୃକ୍ତ ଲୋକଙ୍କ ନାଁରେ ପଞ୍ଜୀକୃତ କରାଯିବ । ଜମି ପାଇଁ ଲୋକମାନେ ପାଇଥିବା କ୍ଷତିପୂରଣ ସରକାରଙ୍କୁ ଫେରାଇବେ । ପୂର୍ବ ସରକାର ୨୦୦୬ ମସିହାରେ ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ବେଦାନ୍ତ ସହ ଏମ୍ଓୟୁ କରିଥିଲେ । ଏଥିପାଇଁ ଭିନ୍ନ ଭିନ୍ନ ସମୟରେ ନାମକରଣ ତିନି ଥର ବଦଳିଲା । ୨୨ଟି ଗାଁର ଜମି ସହ ସରକାରୀ ଜମି ଦିଆଯିବାକୁ ଚୁକ୍ତି ହୋଇଥିଲା । ଘଟଣାରେ ବାସଚ୍ୟୁତ ହୋଇଥିବା ୯ ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ହାଇକୋର୍ଟ ନାପସନ୍ଦ କରିଥିଲେ । ୨୦୨୩ରେ ଅଧିଗ୍ରହଣକୁ ଖାରଜ କରିବା ସହ ଜମି ଫେରାଇବାକୁ ଆଦେଶ ଦେଇଥିଲେ ହାଇକୋର୍ଟ । ଲିଜ ଜମି ସରକାର ତାଙ୍କ ପାଖକୁ ଆଣିବେ ବୋଲି ଉଚ୍ଚ ଅଦାଲତ କହିଥିଲେ । ବେଦାନ୍ତ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲା । ମାତ୍ର ସୁପ୍ରିମକୋର୍ଟ ରାୟକୁ କାଏମ ରଖିଥିଲେ । ଏଣୁ ସରକାର ଜମି ଫେରାଇବା ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ଜିଲ୍ଲା ପ୍ରଶାସନ ଖୁବଶୀଘ୍ର ପଦକ୍ଷେପ ନେବ । ବିଜ୍ଞପ୍ତି ପ୍ରକାଶ ପାଇବ ଓ ତା'ପରେ ଜମି ଫେରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# ଶ୍ରୀମନ୍ଦିରରୁ ହଟିଲା କାର୍ତ୍ତିକ କଟକଣା

# ପୁଣି ଚାରିଦ୍ୱାରରେ ଦର୍ଶନ

ପୁରୀ,(ଭିଓଭି): ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ପାଇଁ ଲାଗିଥିବା ଦର୍ଶନ କଟକଣା ହଟାଇ ଦିଆଯାଇଛି । ଶନିବାରଠାରୁ ପୁଣି ଥରେ ଚାରିଦ୍ୱାରରେ ଦର୍ଶନ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀ କହିଛନ୍ତି । ଭକ୍ତ ପୂର୍ବଭଳି ଚାରିଦ୍ୱାରରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରବେଶ କରିପାରିବେ । କିନ୍ତୁ ତିନି ଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି । ସିଂହଦ୍ୱାରରେ ପ୍ରସ୍ଥାନ କଟକଣା ଲଗାଯାଇଛି । କିନ୍ତୁ ସେବକ ଓ ସେମାନଙ୍କ ପରିବାରବର୍ଗ ଚାରିଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ ବୋଲି ଡ.ପାଢ଼ୀ କହିଛନ୍ତି । ଆଜି କାର୍ତ୍ତିକ ମାସ ପରବର୍ତ୍ତୀ ଦର୍ଶନ ବ୍ୟବସ୍ଥା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ପାଢ଼ୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ, ଏସ୍ପି, ଶ୍ରୀମନ୍ଦିର ଓ ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତିକ୍ରମେ ନଭେମ୍ବର ୧୬ ତାରିଖ ଶନିବାରଠାରୁ ପୁଣିଥରେ ଚାରିଦ୍ୱାର ଦର୍ଶନ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି । ମୁଖ୍ୟ ପ୍ରଶାସକ ଡ.ପାଢ଼ୀ କହିଛନ୍ତି, ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ରାଜାଧିରାଜ ତଥା ସୁନାବେଶ ଦର୍ଶନ କରିବା ସହ କାର୍ତ୍ତିକ ବ୍ରତ ସମାପନ କରିଛନ୍ତି । ଏ ବର୍ଷ କାର୍ତ୍ତିକ ମାସର ନୀତିକାନ୍ତି ସଂପାଦନ, ଦର୍ଶନ ଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣରେ ସହଯୋଗ ପାଇଁ ସେବକ ନିଯୋଗ, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନର ଅଧିକାରୀ ଓ କର୍ମଚାରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି । ସୂଚନାଯୋଗ୍ୟ, କାର୍ତ୍ତିକ ମାସ ଭିଡ଼ ପାଇଁ ଗତ ଅକ୍ଟୋବର ୧୮ ତାରିଖରୁ ଶ୍ରୀମନ୍ଦିର ଚାରିଦ୍ୱାର ଦର୍ଶନରେ କଟକଣା ଲଗାଯାଇଥିଲା । କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଓ ପଶ୍ଚିମଦ୍ୱାରରେ ଭକ୍ତଙ୍କୁ ଦର୍ଶନ ପାଇଁ ଛଡ଼ାଯାଉଥିଲା । ସିଂହଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା ବନ୍ଦ ରହିଥିବାବେଳେ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା ରହିଥିଲା । ପଞ୍ଚକରେ କେବଳ ସିଂହଦ୍ୱାରରେ ପ୍ରବେଶ ଓ ଅନ୍ୟ ତିନିଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ସେବାୟତ ଓ ସେମାନଙ୍କ ପରିବାର କ୍ଷେତ୍ରରେ ଏହି କଟକଣା ଲଗାଯାଇନଥିଲା ।



# କନ୍ଧମାଳରେ ପୁଲିସି ଡିଜିପିଙ୍କ ମାଓ ଦମନ ସମୀକ୍ଷା



ଫୁଲବାଣୀ(ଭିଓଭି): ରାଜ୍ୟ ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଆଜି କନ୍ଧମାଳ ଜିଲ୍ଲା ଗସ୍ତରେ ଆସି ମାଓ ବିରୋଧୀ କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି । ଫୁଲବାଣୀ ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ରୁଦ୍ଧଦ୍ୱାର ସମୀକ୍ଷା ବୈଠକରେ ଯୋଗ ଦେଇ ଡିଜିପି ଶ୍ରୀ ଖୁରାନିଆ କନ୍ଧମାଳ ଜିଲ୍ଲା ସମେତ ଓଡ଼ିଶାକୁ ମାଓମୁକ୍ତ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି । ବିଶେଷକରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ଆହ୍ୱାନକ୍ରମେ ଛତିଶଗଡ଼ ସମେତ ଓଡ଼ିଶାକୁ ନକ୍ସଲମୁକ୍ତ କରିବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଉଛି ବୋଲି ସେ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ଡିଜିପି କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ନୂଆପଡ଼ା ଏବଂ ବୌଦ୍ଧ ଜିଲ୍ଲାରେ ନକ୍ସଲ କାର୍ଯ୍ୟକଳାପର ସମୀକ୍ଷା କରିବା ସହିତ ମାଓ ଦମନ ନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି । ଅନ୍ୟପଟେ, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ମାଓବାଦୀଙ୍କ ଉଦ୍ୟମରେ ଚାଲିଥିବା ଗଞ୍ଜେଇ ଚାଷର ମୂଳୋତ୍ପାଟନ ନେଇ ସେ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ଉଚ୍ଚସ୍ତରୀୟ ପୁଲିସ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବନଖଣ୍ଡ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ । ଅନ୍ୟପଟେ, ଗତ ଏକ ମାସ ମଧ୍ୟରେ ଡିଜିପି କନ୍ଧମାଳ ଜିଲ୍ଲାକୁ ଦୁଇ ଦୁଇ ଥର ଗସ୍ତ କରିବା ଚର୍ଚ୍ଚାର ବିଷୟ ପାଲଟିଛି । ମାଓବାଦୀମାନେ ହିଂସା ପଥ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସମସ୍ତ ମାଓବାଦୀଙ୍କୁ ଆହ୍ୱାନ ଜଣାଇଛନ୍ତି । ଆଜିର ଏହି ରୁଦ୍ଧଦ୍ୱାର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିଆରପିଏଫ୍ ସେଣ୍ଟ୍ରାଲ ଜୋନ ଏଡିଜି ଅମିତ୍ କୁମାର, ଗୁଇନ୍ଦା ବିଭାଗର ବରିଷ୍ଠ ଅଧିକାରୀଗଣ, ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଆଇଜି (ଅପରେସନ) ଜୟନାରାୟଣ ପଙ୍କଜ, ଦକ୍ଷିଣାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ, ଡିଆଇଜି ଅଖିଳେଶ୍ୱର ସିଂହ, କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜ, ପ୍ରମୁଖ ଉପସ୍ଥିତ ଥିଲେ ।

# ଫେବୃଆରି ୨୧ରୁ ମାଟ୍ରିକ୍ ପରୀକ୍ଷା



କଟକ(ଭିଓଭି): ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସ୍ଇ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା-୨୦୨୫ ଆସନ୍ତା ଫେବୃଆରି ୨୧ ତାରିଖ ଠାରୁ ଆରମ୍ଭ ହେବ । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ କ୍ୟାରିୟରର ଏହି ସ୍ମରଣୀୟ ପରୀକ୍ଷା ମାର୍ଚ୍ଚ ୬ ତାରିଖ ଯାଏଁ ଜାରି ରହିବ । ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି ।ସୂଚନା ଅନୁସାରେ ମାଟ୍ରିକ୍ ପରୀକ୍ଷା-୨୦୨୫ ଆସନ୍ତା ୨୧ ତାରିଖ ଠାରୁ ଆରମ୍ଭ ହେବ । ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ହେବ । ୨୪ ତାରିଖରେ ଇଂରାଜୀ, ୨୭ ତାରିଖରେ ଗଣିତ, ମାର୍ଚ୍ଚ ୧ରେ ବିଜ୍ଞାନ, ମାର୍ଚ୍ଚ ୩ରେ ସାମାଜିକ ବିଜ୍ଞାନ, ମାର୍ଚ୍ଚ ୬ରେ ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ ପରୀକ୍ଷା ହେବ । ପରୀକ୍ଷାର ସମୟ ସକାଳ ୯ରୁ ପୂର୍ବାହ୍ନ ୧୧ଟା ୩୦ ଯାଏଁ ରହିଛି । ପରୀକ୍ଷାର୍ଥୀଙ୍କୁ ଗଣିତ ପାଇଁ ଅତିରିକ୍ତ ୧୫ ମିନିଟ ସମୟ ମିଳିବ । ଅର୍ଥାତ ଗଣିତ ପରୀକ୍ଷା ପୂର୍ବାହ୍ ?ଣ ୯ଟାରୁ ଆରମ୍ଭ ହୋଇ ୧୧ଟା ୪୫ମିନିଟରେ ସରିବ । ସୂଚନାଯୋଗ୍ୟ ମାଟ୍ରିକ୍ ପରୀକ୍ଷା-୨୦୨୫ ପାଇଁ ଏବେ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଫର୍ମଫିଲପ୍ ପ୍ରକ୍ରିୟା ଜାରି ରହିଛି । ଏହି ପ୍ରକ୍ରିୟା ଆଗାମୀ ୧୮ ତାରିଖ ଯାଏଁ ଜାରି ରହିବ । ଏହି ପ୍ରକ୍ରିୟା ଶେଷ ହେଲା ପରେ ଚଳିତ ମାଟ୍ରିକ୍ ପରୀକ୍ଷାରେ ସମୁଦାୟ କେତେଜଣ ଛାତ୍ରଛାତ୍ରୀ ସାମିଲ ହେବେ, ସେନେଇ ବିସ୍ତୃତ ବିବରଣୀ ଜଣାପଡ଼ିବ ।

# ଜରୁରୀ ଯୋଗାଯୋଗ

| | |
|---|---|
| ପୁଲିସ କଣ୍ଟ୍ରୋଲ ରୁମ୍, ଆମ୍ବୁଲାନ୍ସ, ପ୍ରସୂତି ଓ ଶିଶୁ, ଅଗ୍ନିଶମ, ମହିଳା ହେଲ୍ପଲାଇନ, ଚାଇଲ୍ଡ ଲାଇନ | -୧୧୨ |
| ଡିସିପି କାର୍ଯ୍ୟାଳୟ | - ୨୫୪୦୫୫୫ |
| ସିବିଆଇ କାର୍ଯ୍ୟାଳୟ | - ୨୫୬୧୫୬୭ |
| ଟ୍ରାଫିକ୍ ଥାନା | -୨୫୩୦୯୪୧ |
| ଗୁଇନ୍ଦା ବିଭାଗ | - ୨୫୪୦୨୯୪ |
| ଅଗ୍ନିଶମ (କଞ୍ଚନା) | - ୨୩୧୨୦୮୮, ୨୩୧୨୦୮୯ |
| ଅଗ୍ନିଶମ( ଚନ୍ଦ୍ରଶେଖରପୁର) | -୨୭୪୪୪୪୦ |
| ଅଗ୍ନିଶମ (ସଚିବାଳୟ) | -୨୩୯୦୪୫୪ |
| ହାଇୱେ ଆମ୍ବୁଲାନ୍ସ | -୧୮୦୦୪୨୦୮୨୮୯ |
| ଓଡ଼ିଶା ବ୍ଲଡ ବ୍ୟାଙ୍କ | -୨୩୯୦୯୮୫ |
| କ୍ୟାପିଟାଲ ହସ୍ପିଟାଲ | -୨୩୯୧୯୮୩ |
| ଜଳଯୋଗାଣ ନିୟନ୍ତ୍ରଣ କକ୍ଷ | -୨୫୪୩୬୪୭ |
| ବରମୁଣ୍ଡା ବସ୍ ଅନୁସନ୍ଧାନ | - ୨୩୫୪୭୬୯ |
| ରେଳବାଇ ଅନୁସନ୍ଧାନ | -୧୩୯୦୬୭୪-୨୫୩୨୨୩୩ |
| ସାଇବର ଅପରାଧ ସେଲ୍ | - ୭୪୪୦୦୦୬୭୦୯ |

**ବିଏମ୍ସି**

| | |
|---|---|
| ମେୟର | -୨୪୩୧୧୬୧, -୨୪୩୧୧୬୧ |
| କମିସନର | -୨୪୩୧୪୦୩ |
| ଅତିରିକ୍ତ କମିସନର | - ୨୪୩୪୭୪୨ |
| ବିଏମ୍ସି ଜୋନ୍ କାର୍ଯ୍ୟାଳୟ (ଉତ୍ତର) | -୨୩୦୧୦୦୨ |
| ବିଏମ୍ସି ଜୋନ୍ କାର୍ଯ୍ୟାଳୟ (ଦକ୍ଷିଣ-ପଶ୍ଚିମ) | -୨୫୫୨୭୧୫ |
| ବିଏମ୍ସି ଜୋନ୍ କାର୍ଯ୍ୟାଳୟ (ଦକ୍ଷିଣ-ପୂର୍ବ) | -୨୪୩୧୩୪୩ |

**ସ୍ମାର୍ଟସିଟି**

| | |
|---|---|
| ନିୟନ୍ତ୍ରଣ କକ୍ଷ | -୧୮୦୦୩୪୫୦୦୬୧ |
| ଦାଦାବଟିକୁ 'ନା' | -୯୯୩୮୯୧୦୦୦୦ |
| ସାଇବର ଠକେଇ ଅଭିଯୋଗ | - ୭୪୪୦୦୦୬୭୦୯ |
| ସ୍ୱେରେଜ ବୋର୍ଡ | -୦୬୭୪-୨୫୩୬୯୦୩ |
| ସେପ୍ଟିକ ଟାଙ୍କ/ ସ୍ୱେରେଜ ଲାଇନ | -୧୪୪୨୦ |

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
ଆଇନକାନୁନ୍
ଭୁବନେଶ୍ୱର, ନଭେମ୍ବର ୧୮- ୨୪, ୨୦୨୪


# ଭରତପୁର ଥାନା ମାମଲା: ସରକାର ଜାରି କଲେ ସ୍ୱତନ୍ତ୍ର ଏସ୍ ଓ ପି

ଭୁବନେଶ୍ୱର: ଭରତପୁର ଥାନା ମାମଲାରେ ସରକାର ନୂଆ ପଦକ୍ଷେପ ନେଇଛନ୍ତି। ସେନା ସୁରକ୍ଷା ଅଧିକାରୀଙ୍କ ପାଇଁ ଥାନାରେ କିଭଳି ବ୍ୟବହାର ରହିବ ସେ ନେଇ ରାଜ୍ୟ ସରକାର ଜାରି କରିଛନ୍ତି ସ୍ୱତନ୍ତ୍ର ଏସ୍ ଓ ପି। ଏନେଇ ଆଡଭକେଟ୍ ଜେନେରାଲ କୋର୍ଟଙ୍କୁ ଜଣାଇଛନ୍ତି। ଏହାର ଏକ କପି ହାଇକୋର୍ଟ ଓ ଆମିକସ୍ କ୍ୟୁରୀଙ୍କୁ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭରତପୁର ଥାନା ଘଟଣାରେ ହୋଇଥିବା ସମସ୍ତ ମାମଲାର ତଦନ୍ତ ଜାରି ରହିଥିବା ନେଇ କୋର୍ଟଙ୍କୁ ଜଣାଇଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଭରତପୁର ଥାନା ଘଟଣାରେ ହୋଇଥିବା ସମସ୍ତ ମାମଲାର ତଦନ୍ତ ଜାରି ରହିଥିବା ନେଇ କୋର୍ଟଙ୍କୁ





ଜଣାଇଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ସେନା ସୁରକ୍ଷା ଅଧିକାରୀଙ୍କ ପାଇଁ ଥାନାରେ କିଭଳି ବ୍ୟବହାର ରହିବ ସେ ନେଇ ରାଜ୍ୟ ସରକାର ଜାରି କଲେ ସ୍ୱତନ୍ତ୍ର ଏସ୍ ଓ ପି ।ଆସନ୍ତା ମଙ୍ଗଳବାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାଯାଇଛି।


# ଖାଉଟି ବିବାଦରେ ସାତ ବର୍ଷ ପରେ ମିଳିଲା ନ୍ୟାୟ

ଭୁବନେଶ୍ୱର, : ଦୀର୍ଘ ୭ ବର୍ଷର ଲଢ଼େଇ ପରେ ଖୋର୍ଦ୍ଧା ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗରୁ ନ୍ୟାୟ ମିଳିଛି। ଗୋଟିଏ ନିର୍ଦ୍ଦିଷ୍ଟ କୋର୍ସରେ ନାମ ଲେଖାଇବାକୁ କହି ଆଉ ଗୋଟିଏ କୋର୍ସ ପଢ଼ିବାକୁ ବାଧ କରିବା ଅଭିଯୋଗରେ ଆୟୋଗ ଚନ୍ଦ୍ରଶେଖରପୁରରେ ଥିବା ରିଜିଓନାଲ୍ କଲେଜ୍ ଅଫ୍ ମ୍ୟାନେଜ୍‌ମେଣ୍ଟ (ଆରସିଏମ୍) ବିରୋଧରେ ରାୟ ଶୁଣାଇଛନ୍ତି। କର୍ତ୍ତୃପକ୍ଷ ଆଡ୍‌ମିସନ ବାବାଦକୁ ନେଇଥିବା ୬୦ହଜାର ଟଙ୍କା ସହିତ ଅତିରିକ୍ତ ୩୦ହଜାର ଜରିମାନା, ଏଭଳି ମୋଟ ୯୦ ହଜାର ଟଙ୍କା ଅଭିଯୋଗକାରୀଙ୍କୁ ତୁରନ୍ତ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ବାରମ୍ବାର ନୋଟିସ୍ ହେବା ପରେ ମଧ ଆରସିଏମ୍ କର୍ତ୍ତୃପକ୍ଷ ଭୃକ୍ଷେପ ନ କରିବାରୁ ୨୦୧୭ ମସିହାରେ ଦାଖଲ ହୋଇଥିବା ମାମଲାର ରାୟ ୭ ବର୍ଷ ପରେ ଅର୍ଥାତ୍ ଗତ ଅକ୍ଟୋବର ମାସ ୨୮ ତାରିଖରେ ପ୍ରକାଶ ପାଇଛି। କର୍ତ୍ତୃପକ୍ଷଙ୍କ ଏଭଳି ମାନସିକ ନିର୍ଯାତନାର ଶିକାର ହୋଇଥିବା ଛାତ୍ର ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ୍ ଛକର ସିତାଂଶୁ ସନ୍ତୋଷ କୁମାର ଆଚାର୍ଯ୍ୟ । ସିତାଂଶୁ ସମ୍ବଲପୁର 'ନିସ୍'ରେ ଏମ୍‌ସିଏ ପଢୁଥିଲେ। ଆଜ୍‌ସିଏମ୍ ୱେବ୍‌ସାଇଟ୍‌ରେ ହସ୍‌ପିଟାଲ୍ ମ୍ୟାନେଜ୍‌ମେଣ୍ଟ (ପିଜିଡିଏଚ୍‌ଏମ୍) କୋର୍ସ ପାଇଁ ବିଜ୍ଞାପନ ଦେଖିବା ପରେ ସେ କଲେଜ ଅଧକ୍ଷ ପ୍ରବୀର ପାଲ୍‌ଙ୍କ ସହ କଥା ହୋଇଥିଲେ। କୋର୍ସ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପାଇଁ ଶ୍ରୀ ପାଲ୍ ନୀତୁ ଦାଶଙ୍କ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ । ନୀତୁ ଦାଶଙ୍କ ପରାମର୍ଶ କ୍ରମେ ସେ ପିଜିଡିଏଚ୍‌ଏମ୍ କୋର୍ସ ବାବଦକୁ ୨୦୧୬ ମସିହା ଜୁନ୍ ୨୭ ତାରିଖରେ ୬୦ ହଜାର ଟଙ୍କା ଅନ୍‌ଲାଇନ୍‌ରେ ଜମା କରିଥିଲେ । କିନ୍ତୁ ତାଙ୍କୁ ମନି ରସିଦ କିମ୍ବା ଆଡ୍‌ମିଟ୍ କାର୍ଡ ମିଳି ନଥିଲା। ସେ ଭୁବନେଶ୍ୱର ଆସି ଚନ୍ଦ୍ରଶେଖରପୁରରେ ମାସିକ ୫ ହଜାର ଟଙ୍କା ଘରଭଡ଼ା ଦେଇ ରହିବା ପରେ ବାରମ୍ବାର ରସିଦ୍ ଓ ଆଡ୍‌ମିଟ୍ କାର୍ଡ ମାଗିଥିଲେ। ଘଟଣାର ମାସେ ପରେ ତାଙ୍କୁ ମନି ରସିଦ ମିଳିଲା। ହେଲେ ସେଥିରେ ପିଜିଡିଏସ୍‌ଏମ୍ ବଦଳରେ ପିଜିଡିଏମ୍(ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ମ୍ୟାନେଜ୍‌ମେଣ୍ଟ)କୋର୍ସ ଲେଖାଥିଲା। ଏ ନେଇ ସେ ପ୍ରତିବାଦ କରିବାରୁ ୩ୟ ସେମିଷ୍ଟାର ଶେଷ ବର୍ଷ ଏହି କୋର୍ସ ବଦଳାଇ ପିଜିଡିଏସ୍‌ଏମ୍ କୋର୍ସର ରସିଦ୍ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ୨୦୧୭ ମସିହା ମାର୍ଚ୍ଚ ମାସରେ ପିଜିଡିଏଚ୍‌ଏମ୍ କୋର୍ସରେ ଆଡ୍‌ମିସନ ହୋଇ ପାରିବ ନାହିଁ ବୋଲି ସଫା ସଫା କର୍ତ୍ତୃପକ୍ଷ ମନା କରିଦେଲେ । ମାନସିକ ଦୁଶ୍ଚିନ୍ତାର ଶିକାର ହୋଇ ସିତାଂଶୁପ ଜମା କରିଥିବା ଟଙ୍କା ଫେରାଇ ଦେବା ପାଇଁ କର୍ତ୍ତୃପକ୍ଷଙ୍କୁ ଓକିଲ ଜରିଆରେ ନୋଟିସ୍ ଦେଇଥିଲେ। କିନ୍ତୁ କର୍ତ୍ତୃପକ୍ଷ ନ ଶୁଣିବାରୁ ସେ ଖୋର୍ଦ୍ଧା ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ସୁପ୍ରିମକୋର୍ଟରେ ଜୟନାରାୟଣଙ୍କୁ ବଡ଼ ଝଟକା

## ଆଗୁଆ ଜାମିନ ଆବେଦନ ଖାରଜ

ଭୁବନେଶ୍ୱର : ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଝଟକା ଲାଗିଛି। ମହିଳା ଆଇଆଇସିଙ୍କୁ ଧକ୍କା ମାରିବା ଘଟଣାରେ ଆଗୁଆ ଜାମିନ ପାଇଁ ଜୟନାରାୟଣ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ମହିଳା ଆଇଆଇସିଙ୍କୁ ଧକ୍କା ମାରିବା ଘଟଣାରେ ଜୟନାରାୟଣଙ୍କ ଆଗୁଆ ଜାମିନ ଆବେଦନକୁ ଓଡ଼ିଶା ହାଇକୋର୍ଟ ପ୍ରଥମେ ଖାରଜ କରିଥିଲେ । ଏହା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏବେ ସୁପ୍ରିମକୋର୍ଟ ଓଡିଶା ହାଇକୋର୍ଟଙ୍କ ରାୟକୁ କାଏମ୍ ରଖିଛନ୍ତି । ଗତବର୍ଷ ଫେବ୍ରୁଆରୀ



୧୫ରେ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ବେଳେ ପୁଲିସ ଏବଂ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ । ଏହି ସମୟରେ ଜୟନାରାୟଣ ତତ୍କାଳୀନ କାର୍ଯ୍ୟରତ ଧନୁପାଲୀ ଥାନା ଆଇଆଇସି ଅନିତା ପ୍ରଧାନଙ୍କୁ ଧକ୍କା ମାରିଥିବା ଅଭିଯୋଗ ହୋଇଥିଲା । ଆଇଆଇସି ଜୟନାରାୟଣଙ୍କୁ ମାଡ଼ ମାରିଥିବା ନେଇ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା।

# ସାତ ବର୍ଷ ସଂଘର୍ଷ ପରେ ଦିବ୍ୟାଙ୍ଗ ପାଇଲେ ଚାକିରି

ମହାକାଳପଡ଼ା, : ପରୀକ୍ଷା ଦେଇ ଯୋଗ୍ୟତା ହାସଲ ପରେ ଚାକିରି ନପାଇ କୋର୍ଟଙ୍କ ଦ୍ୱାରସ୍ତ ହୋଇଥିବା ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ଶେଷରେ ଚାକିରି ମିଳିଛି। ସେ ହେଉଛନ୍ତି ଅମେଇପାଳ ପଞ୍ଚାୟତର ସାମଯୋରି ଗ୍ରାମର ସବ୍ୟସାଚୀ ମହାପାତ୍ର(୪୭)। ସେ କଟକସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରୁ ହାଇସ୍କୁଲ ପାସ୍ କରିବା ପରେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ୧୯୯୮ ମସିହାରେ +୨ ପାସ କରିଥିଲେ । ୨୦୧୬ ମସିହା ଫେବ୍ରୁଆରି ମାସରେ କେନ୍ଦ୍ରୀୟ ରେଳବାଇ ବୋର୍ଡ ପକ୍ଷରୁ ଆୟୋଜିତ ଜେନେରାଲ ଗ୍ରୁପ ଡି ପରୀକ୍ଷାରେ ୭୧ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିଲେ । କିନ୍ତୁ ରେଳ ବିଭାଗ ସବ୍ୟସାଚୀଙ୍କୁ ନିଯୁକ୍ତି ଦେବା ବଦଳରେ ତାଙ୍କର ଟିପଚିହ୍ନ ମେଳ ଖାଉନାହିଁ କହି ପରୀକ୍ଷା ଫଳକୁ ନାକଚ କରିଦେଇଥିଲେ। ସବ୍ୟସାଚୀ ଏ ନେଇ ରେଳବାଇ କର୍ତ୍ତୃପକ୍ଷଙ୍କୁ ଗୁହାରି କରିଥିଲେ କିଛି



ସୁଫଳ ମିଳି ନଥିଲା । ଶେଷରେ ସେ ବାଧ ହୋଇ ଆଇନର ଆଶ୍ରୟ ନେଇଥିଲେ। ନୂଆଦିଲ୍ଲୀଠାରେ ଥିବା ଭିନ୍ନକ୍ଷମ ମୁଖ୍ୟ କମିସନରଙ୍କ ନିକଟରେ ସେ ମାମଲା ଦାୟର କରିଥିଲେ। ଏହାର ଶୁଣାଣି କରି ୨୦୧୭ ମସିହାରେ କମିସନର ସବ୍ୟସାଚୀଙ୍କୁ ୬୦ ଦିନ ମଧ୍ୟରେ ଚାକିରି ଦେବା ପାଇଁ ରେଳବାଇ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ୬୦ ଦିନର ଅବଧି ବିତିଯାଇଥିଲେ ମଧ ରେଳବାଇ କର୍ତ୍ତୃପକ୍ଷ ଦିବ୍ୟାଙ୍ଗ କମିସନରଙ୍କ ଆଦେଶକୁ କାର୍ଯ୍ୟକାରୀ କରି ନଥିଲେ । ପରେ ସବ୍ୟସାଚୀ କେନ୍ଦ୍ରୀୟ ପ୍ରାଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ । ସ୍ୱତନ୍ତ୍ର ଖଣ୍ଡପୀଠରେ ୭ ବର୍ଷ କାଳ ମାମଲା ଚାଲିଥିଲା । ୨୦୨୪ ମସିହା ଫେବ୍ରୁଆରି ମାସରେ ଖଣ୍ଡପୀଠ ୨ ମାସ ମଧ୍ୟରେ ସବ୍ୟସାଚୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କ୍ୟାଟର ଏହି ନିର୍ଦ୍ଦେଶ ପରେ ରେଳବାଇ କର୍ତ୍ତୃପକ୍ଷ ସବ୍ୟସାଚୀଙ୍କୁ ନିଯୁକ୍ତି ଦେଇଛନ୍ତି। ତାଙ୍କୁ ମହାରାଷ୍ଟ୍ରର ଭୁପଓ୍ୱାଲ ଠାରେ ନଭେମ୍ବର ୮ ତାରିଖରେ କାର୍ଯ୍ୟରେ ଯୋଗଦେବାକୁ ନିଯୁକ୍ତିପତ୍ର ମିଳିଛି। ୪୭ ବର୍ଷ ବୟସରେ ଜଣେ ଦୃଷ୍ଟିହୀନ ଭାବରେ ସବ୍ୟସାଚୀ ବହୁ ସଂଘର୍ଷ ପରେ ନିଯୁକ୍ତି ପାଇଥିବାରୁ ସେ ନ୍ୟାୟିକ ବ୍ୟବସ୍ଥା ଓ ଭଗବାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଚଣ୍ଡୀ ପ୍ରସାଦ ସାହାଣି ମାମଲା ପରିଚାଳନା କରୁଥିଲେ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News


Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
Editor: Gyana Ranjan Mishra
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର